


# ଜିଲ୍ଲା ସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ସଚେତନତା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, (ପି.ଏନ):

: ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲା ସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ସମ୍ବନ୍ଧୀୟ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ନରେନ୍ଦ୍ର ଗାଇପାଇ, ଜିଲ୍ଲା ଶ୍ରମ ଅଧିକାରୀ ନିରଞ୍ଜନ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷିକା ସବିତା ମାଝୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଦେଶର ପ୍ରଗତୀରେ ଶିଶୁ ଓ କିଶୋର ଶ୍ରମିକ ଏକ ବିଶାଳ ପ୍ରତିବନ୍ଧକ । ଏଣୁ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ଅଭିଯାନରେ ପ୍ରଶାସନ ତରଫରୁ ବିଭିନ୍ନ ସମୟରେ ଢ଼ାବା, ହୋଟେଲ ଓ ଅନ୍ୟାନ୍ୟ ଅନୁଷ୍ଠାନରେ




ଅଚାନକ ଚଢ଼ାଉ କରାଯାଇ କୋମଳମତି ଶିଶୁ ଶ୍ରମିକ ଙ୍କୁ ଉଦ୍ଧାର କରି ସେମାନଙ୍କୁ ଉପଯୁକ୍ତ ସ୍ଥାନରେ ଥଇଥାନ ବ୍ୟବସ୍ଥା କରାଯାଉଛି । ଏଥି ନିମନ୍ତେ ଜିଲ୍ଲାର ସମସ୍ତ ଅଧିକାରୀଙ୍କୁ ସଚେତନତାକୁ ବ୍ୟାପକ କରିବା ସହ ସଚେତନତା ସୃଷ୍ଟି କରିବା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି । ଜିଲ୍ଲାରେ ୧୪ ବର୍ଷରୁ କମ ବୟସର ଶିଶୁ କୌଣସି କାର୍ଯ୍ୟ କ୍ଷେତ୍ରରେ ନିଯୁକ୍ତି ହେବେ ନାହିଁ ଏବଂ ୧୪ ରୁ ୧୮ବର୍ଷ କିଶୋର ମାନେ କୌଣସି ବିପଦ ସଂକୁଳ କାର୍ଯ୍ୟରେ ନିଯୁକ୍ତ ହେବେ ନାହିଁ । ଯଦି ଏହାର ଉଲଂଘନ ହେବାର ଦୃଷ୍ଟି ଗୋଚର ହୁଏ ତେବେ ନିଯୁକ୍ତି ଦାତାଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ମୟୂରଭଞ୍ଜ ଜିଲ୍ଲାକୁ ଶିଶୁ ଓ କିଶୋର ଶ୍ରମିକ ମୁକ୍ତ ଜିଲ୍ଲା ଭାବେ ପରିଗଣିତ କରିବା ପାଇଁ ସମାଜର ସବୁ ବର୍ଗର ଲୋକମାନଙ୍କ ସହଯୋଗ କାମନା କରାଯାଇଛି । କାର୍ଯ୍ୟକ୍ରମରେ ଓରମାସର ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବ୍ଲକର ସହକାରୀ ଶ୍ରମ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ, ଜିଲ୍ଲା ଶିଶୁ ମଙ୍ଗଳ ସମିତିର କର୍ମକର୍ତ୍ତା, ବଣିକ ସଙ୍ଘର କର୍ମକର୍ତ୍ତା ମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ନୂଆପଡ଼ା ଜିଲ୍ଲାର ଜିଲ୍ଲାପାଳଙ୍କୁ ବ୍ରୋଞ୍ଜ ପଦକରେ ସମ୍ମାନିତ କଲେ ଓଡ଼ିଶାର ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀ

ଭୁବନେଶ୍ୱର, (ପି.ଏନ):

ନୂଆପଡ଼ା ଜିଲ୍ଲାକୁ ସମ୍ମାନ ଓ ସଫଳତା ଜଣାଇ ନୂଆପଡ଼ା ଜିଲ୍ଲା ପାଳଙ୍କୁ ବ୍ରୋଂଚ ପଦକରେ ସମ୍ମାନିତ କରିଛନ୍ତି ଓଡ଼ିଶାର ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀ । କେନ୍ଦ୍ର ସରକାର ପକ୍ଷ ରୁ ସ୍ୱମ୍ପୂର୍ଣ୍ଣତା ଅଭିଯାନ ଜରିଆରେ ଆକାଂକ୍ଷା ଜିଲ୍ଲା ରୂପେ ନୂଆପଡ଼ା ଜିଲ୍ଲାର ଦୁଇ ଗୋଟି ବ୍ଲକ୍ କୋମନା ଏବଂ ବୋଡ଼େନ ରେ ୬ ଗୋଟି ପାରାମିଟର ରୁ ୪ ଗୋଟି ପାରାମିଟର ରେ ଶତ ପ୍ରତିଶତ ହାସଲ କରିଛନ୍ତି । ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ,ମାଁ ଓ ଶିଶୁ ଉନ୍ନୟନ ଏବଂ କୃଷି ବିଭାଗ ରେ ସଫଳତା ଆଣିଛନ୍ତି ଆଜି ଭୁବନେଶ୍ୱର ଠାରେ ଆୟୋଜିତ ସ୍ୱମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ମହା ପର୍ବ ରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଙ୍କୁ ଓଡ଼ିଶା ମାନ୍ୟବର



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଗୋଟିଏ ଜିଲ୍ଲା ସଫଳତା ପାଇ ବିଭାଗୀୟ ଅଧିକାରୀଙ୍କ ଏକତା ଓ ସମନ୍ୱୟତା ରକ୍ଷା, ଲକ୍ଷ ହାସଲ ପାଇ ଏକ ମିଶନ ମୋଡ଼ ରେ ନିଜ ଦକ୍ଷତା ପ୍ରଦର୍ଶନ ହିଁ ସଫଳତା ଆଣିଦେଇଥାଏ । ତେଣୁ ଆଜି ଜିଲ୍ଲାବାସୀ ଦରଦୀ ମଣିଷ, ସମସ୍ୟା କୁ ଅତି ନିକଟ ରୁ ଦେଖି ,ବୁଝି, ପରଖି ଓ ଅନୁଭବୀ ବ୍ୟକ୍ତିତ୍ୱକୁ ଜିଲ୍ଲାପାଳ ରୂପେ ପାଇ ବେଶ ଆନନ୍ଦିତ ଏବଂ ଅଶେଷ ସାଧୁବାଦ୍ ଜଣାଇଛନ୍ତି ।

# ଆଦିବାସୀ ଅଧ୍ୟୁଷିତ ଆଭ୍ୟନ୍ତର ଅଂଚଳରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ



କେନ୍ଦୁଝର,ତା୩୦/୭- କେନ୍ଦୁଝରର ଜିଲ୍ଲା ଗୋନାସିକା ଗ୍ରାମ ପଞ୍ଚାୟତର ଜନ୍ତାରି ଗ୍ରାମ ଠାରେ ସୋମଗିରି ସ୍ଥିତ ଆଦିବାସୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୁଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିର ଆୟୋଜନ ଉତ୍ସ ଫାଉଣ୍ଡେସନ ତରଫରୁ କରାଯାଇଛି ।ଗୋନାସିକା,ବାରହାଗଡ ପଞ୍ଚାୟତର ୨୦୨ଜଣ ଲୋକ ବିଭିନ୍ନ ପ୍ରକାର ଚର୍ମ ରୋଗ, ଜ୍ୱର,ଥଣ୍ଡା,କାଶ,ଆଖି ସମ୍ବନ୍ଧୀୟ ଚିକିତ୍ସିତ ହୋଇ ଥିଲେ । ଆଦିବାସୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବି. ନାୟକ,ଡାକ୍ତର ଏସ. ବେହେରା ଡାକ୍ତର ପି. ମହାନ୍ତ ଫାର୍ମାସିଷ୍ଟ ଅଲିଭା ଚକ୍ରବର୍ତ୍ତୀଙ୍କ ଦ୍ୱାରା ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ କରି ଔଷଧ ଯୋଗାଇ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ କର୍ମୀ ଜୋସ୍ନା ଚକ୍ରବର୍ତ୍ତୀ,ଅଶୋକ ମହାନ୍ତ, ଜିତା ମହାନ୍ତ,ପଦ୍ମିନୀ ମୁଣ୍ଡା, ନମିତା ମହାନ୍ତ ଓ ରାଜେଶ ମହାରଣା ସହଯୋଗ କରିଥିଲେ । ଆଦିବାସୀ ବହୁଳ ଅଞ୍ଚଳରେ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର କରି ରୋଗୀସେବା ଯୋଗାଇ ଥିବାରୁ ଜନ୍ତାରୀ ଗ୍ରାମବାସୀ ଧନ୍ୟବାଦ ଜଣାଇ ଅଛନ୍ତି ।

# ଭୂଷଣ୍ଡପୁର ର ପ୍ରସିଦ୍ଧ ମା ଉଗ୍ର ତାରା ଶକ୍ତି ପିଠ ପରି ଦର୍ଶନ

ଆଜି ଭୁଶୁଣ୍ଡପୁର ର ପ୍ରସିଦ୍ଧ ମା ଉଗ୍ର ତାରା ଶକ୍ତି ପିଠ ପରିଦର୍ଶନ କରା ଯାଇଛି, ଭାରତ ତଥା ଓଡିଶା ର ମା ଆଦିଶକ୍ତି ଙ୍କ ଦଶ ମାହାବିଦ୍ୟା ପିଠ ମଧ୍ୟରୁ ଏହି ପିଠ ଅନ୍ୟତମ,ଏହା ଏକ ପ୍ରସିଦ୍ଧ ତନ୍ତ୍ର ପୀଠ ଭାବେ ପରିଚିତ, ମା ଙ୍କୁ ନୀଳ ସରସ୍ୱତୀ ଭାବେ ପୂଜା କଲେ ପିଲା ମାନଙ୍କ ର ଭଲ ପାଠ ହୋଇ ଥାଏ,ମା ଙ୍କୁ ଜୟ ମା ହାତୀୟାଶୁଣି ନମଃ ବୋଲି ମଧ୍ୟ କୁହାଯାଇ ଥାଏ,ପୂଜକ ସୁରେଶ ଭାଇନା ମା ଉଗ୍ର ତାରା ଙ୍କ ବିଷୟରେ ବିସ୍ତୃତ ବିବରଣୀ ପ୍ରକାଶ କରି ଥିଲେ, ମା ଙ୍କ ମନ୍ଦିର ପ୍ରସାଦ ମଧ୍ୟ ଆପଣ ପାଇ ପାରିବେ, ପ୍ରସାଦ ସେବନ ମଧ୍ୟ ସମସ୍ତେ କରିଥିଲେ, ବେଶୀ ଲୋକ ମାନେ ଆସିବାର ଥିଲେ ଏହି ପୂଜକ ଭାଇନା ସୁରେଶ ଙ୍କ ଫୋନ ନମ୍ବର+୯୧ ୯୯୩୮୧ ୧୭୯୨୮ ରେ ଆଗରୁ ଖବର ଦେଲେ ସ୍ୱତନ୍ତ୍ର ପୂଜା ଓ ପ୍ରସାଦ ର ବ୍ୟବସ୍ଥା ହୋଇ ପାରିବ, ବିଗତ ଦିନ ଅପେକ୍ଷା ବର୍ତମାନ ର ଅବସ୍ଥା ବହୁତ ଭଲ,ମା ଙ୍କ ମନ୍ଦିର କାରୁ କାର୍ଯ୍ୟ ପୂର୍ଣ୍ଣ ଓ ଦେଖିବାକୁ ଆକର୍ଷଣୀୟ, ମା ଙ୍କୁ



ଦର୍ଶନ ସହିତ ଏହି ଜାଗାର ପରିଦର୍ଶନ ସ୍ମରଣୀୟ ଅଟେ, ଏଠାରେ ବାହାଘର ଓ ଅନ୍ୟାନ୍ୟ ମାଙ୍ଗଳିକ ଓ ସାମାଜିକ ଏକତା ନିମନ୍ତେ ଏଠି ସମସ୍ତ ପ୍ରକାର ବ୍ୟବସ୍ଥା ମଧ୍ୟ ଅଛି ଆପଣ ମାନେ ଆସି ମା ଉଗ୍ରତାରା ମନ୍ଦିର କୁ ସମସ୍ତେ ଆସନ୍ତୁ ଓ ମା ଙ୍କୁ ଦର୍ଶନ କରି ତାଙ୍କ କୃପା ଲାଭ କରନ୍ତୁ ମା ଉଗ୍ର ତାରା ମନ୍ଦିର ପରିଦର୍ଶନ ର ଏକ ସ୍ୱତନ୍ତ୍ର ଉପସ୍ଥାପନା ଡ଼ ନାରାୟଣ ମହାପାତ୍ର ସଭାପତି ଆଦିଶକ୍ତି ଚାରିଟେବୁଲ ଟ୍ରଷ୍ଟ ଇଣ୍ଡିଆ

# ଏସୟୁଜେ ଅନୁଗୁଳ ଶାଖାର ସାଙ୍ଗଠନିକ ବୈଠକ ଓ ପରିଚୟ ପତ୍ର ପ୍ରଦାନ ଉତ୍ସବ

ତାଳଚେର, ୩୦/୭ ରାଜ୍ୟ ସାମ୍ବାଦିକ ସଙ୍ଘ (ଏସୟୁଜେ) ଅନୁଗୁଳ ଶାଖାର ସାଙ୍ଗଠନିକ ବୈଠକ ଓ ପରିଚୟ ପତ୍ର ପ୍ରଦାନ ଉତ୍ସବ ସମଲ ବ୍ୟାରେଜ ଅତିଥି ଭବନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଦଘାଟକ ଭାବେ ପାଲଲହଡା ବିଧାୟକ ଅଶୋକ ମହାନ୍ତି ଯୋଗ ଦେଇଥିବାବେଳେ ମୁଖ୍ୟଅତିଥି ଭାବେ ଏସୟୁଜେ ଓଡ଼ିଶା ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ ଓ ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ କମିଟି ସଦସ୍ୟ ନିତ୍ୟାନନ୍ଦ ମିଶ୍ର ଓ ସାମ୍ବାଦିକ ଶରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବାସହ , ବୀମା ରାଶିକୁ ୨୦ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି ସହ ଅନ୍ୟୁନ୍ୟ ୧୫ ହଜାର ଟଙ୍କା ପେନସନ ପ୍ରଦାନ କରାଯିବାକୁ ରାଜ୍ୟ ସରକାରଙ୍କ ଠାରେ ସଂଘ ତରଫରୁ ଦାବି ଜଣା ଯାଇଥିବାବେଳେ ଏନେଇ ମୁଖ୍ୟମନ୍ତ୍ରୀ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଶ୍ରୀ ନାୟକ ଏହି ଅବସରରେ କହିଥିଲେ । ଏହି ଅବସରରେ ଅନୁଗୁଳ



ଜିଲ୍ଲାର ୫୨ ଜଣ ସାମ୍ବାଦିକଙ୍କୁ ସଂଘର ପରିଚୟ ପତ୍ର କାର୍ଡ ପ୍ରଦାନ କରାଯାଇଥିଲା । ବୈଠକରେ ଏସୟୁଜେ ଅନୁଗୁଳ ଶାଖା ସଭାପତି ବିରଜା ଶଙ୍କର ମିଶ୍ର ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ବନମାଳୀ ନାଏକ ବିବରଣୀ ପାଠ କରିଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୌଭାଗ୍ୟ ମହାରଣା, ଜିଲ୍ଲା ସହ ସମ୍ପାଦକ ପ୍ରଦୀପ ବେହେରା, ବିଜୟ ବେହେରା,ସୁବାସ ପ୍ରଧାନ, ଜିଲ୍ଲା କୋଷାଧ୍ୟକ୍ଷ ସଞ୍ଜୟ ସିଂ, ଜିଲ୍ଲା ଉପସଭାପତି ରଞ୍ଜନ ସାହୁ ଓ ପୂର୍ଣ୍ଣଚନ୍ଦ୍ର ବେହେରା , ଜାତୀୟ ପରିଷଦ ସଦସ୍ୟ ସୟଦ ଜୁଲ୍ଫିକର ହୁସେନ ପ୍ରମୁଖ ସଂଗଠନ ନେଇ ନିଜ ନିଜର ମତ ଦେଇଥିଲେ । ଆଗାମୀ ନଭେମ୍ବର ମାସରେ ଅନୁଗୁଳ ଜିଲ୍ଲା ଶାଖା ତରଫରୁ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ତାଳଚେର କିମ୍ବା କଣିହାଁ ଅଞ୍ଚଳରେ କରାଯିବାକୁ ଏହି ଅବସରରେ ନିଷ୍ପତି ନିଆଯାଇଛି । ଶେଷରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯୁଗଳ କିଶୋର ଜିତ୍ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ନୂତନ ଜାତୀୟ ରାଜପଥ ଦାବି କଲେ ବରଗଡ଼ ସାଂସଦ

ବରଗଡ, : ଓଡ଼ିଶାରେ ନୂତନ ଜାତୀୟ ରାଜପଥର ଚୂଡ଼ାନ୍ତ ଅନୁମୋଦନ ଏବଂ ଘୋଷଣା ପାଇଁ ଅନୁରୋଧ କଲେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ । ବଲାଙ୍ଗୀର-ପାଟଣାଗଡ଼-ହରିଶଙ୍କର-ପାଇକମାଳ-ନୂଆପଡ଼ା ନୂଆ ଜାତୀୟ ରାଜପଥ ପାଇଁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କ ପାଖରେ ସେ ଏହି ବଡ଼ ଦାବୀ କରିଛନ୍ତି । ଏ ପ୍ରସଙ୍ଗରେ ଦୀର୍ଘ ସମୟ ଧରି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ଖୁବଶୀଘ୍ର ଏହି ଜାତୀୟ ରାଜପଥର ଚୂଡ଼ାନ୍ତ ଅନୁମୋଦନ ସହ ଏହାର ଘୋଷଣା ପାଇଁ ଦାବି କରିଛନ୍ତି ବରଗଡ଼ ସାଂସଦ । ପଶ୍ଚିମ ଓଡ଼ିଶା ପାଇଁ ଏହି ନୂଆ ଜାତୀୟ ରାପଥ ବହୁ ଗୁରୁତ୍ୱ ବହନ



କରୁଛି । ଓଡ଼ିଶାରେ ଦୀର୍ଘ ଦିନରୁ ଲୋକଙ୍କ ଏହି ଦାବି ରହିଆସିଛି । ସନ୍ତୁଳିତ ଆଂଚଳିକ ବିକାଶ, ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ ଏବଂ ସାମୁଦ୍ରିକ ଉପକୂଳ ଅଂଚଳର ସାମଗ୍ରିକ ସଂଯୋଗ ଦିଗରେ ଏହି ନୂଆ ଜାତୀୟ ରାଜପଥ ବେଶ ଗୁରୁତ୍ୱ । ବର୍ଦ୍ଧିତ ସଂଯୋଗୀକରଣ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ଏବଂ ସାଂସ୍କୃତିକ କେନ୍ଦ୍ର ଗୁଡ଼ିକୁ ସଂଯୋଗ କରି ପର୍ଯ୍ୟଟନକୁ ଯଥେଷ୍ଟ ବୃଦ୍ଧି କରିପାରିବ । ଏହା ବ୍ୟତୀତ ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ଉନ୍ନତ ରାସ୍ତା ନେଟୱର୍କ ବାହ୍ୟବାଦ ଚାଲେଂଜର ମୁକାବିଲା ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହି କ୍ଷେତ୍ର ଗୁଡ଼ିକରେ ସଂଯୋଗୀକରଣକୁ ସୁଦୃଢ଼ କରିବା ଦ୍ୱାରା ଆଇନ-ଶୃଙ୍ଖଳା ପରିଚାଳନା ଅଧିକ ପ୍ରଭାବଶାଳୀ ହେବ । ଏବଂ ସାମଗ୍ରିକ ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ମିଳିବ ବୋଲି କହିଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ।

# ଜମିରେ ହଳ କଲେ ବ୍ଲକ କୃଷି ଅଧିକାରୀ

ଭୁବନେଶ୍ୱର, (ପି.ଏନ):

ବିରବଲ ପ୍ରଧାନ)ନୂଆପଡ଼ା ଜିଲ୍ଲା କୋମନା ବ୍ଲକ କୃଷି ଅଧିକାରୀ ଶ୍ରୀ ସୁଧାଂଶୁ ମେହେର ବିଭିନ୍ନ ଗ୍ରାମର ଚାଷ କ୍ଷେତ୍ର ପରିଦର୍ଶନରେ ଯାଇ ଚାଷୀଙ୍କ ଜମିରେ ହଳ କରି ଚାଷିଙ୍କୁ ଉତ୍ସାହିତ କରିବା ଅଞ୍ଚଳରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି । କୃଷିଅଧିକାରୀ ଶ୍ରୀ ମେହେର ଗତବର୍ଷ ନଭେମ୍ବର ମାସରେ କୋମନା ବ୍ଲକରେ ଯୋଗ ଦେବା ଦିନ ଠାରୁ ଅଞ୍ଚଳର ଚାଷୀଙ୍କ ବହୁବିଧ ଉନ୍ନତି ପାଇଁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀଯୁକ୍ତ ପ୍ରଦୀପ ନାଏକଙ୍କ ତତ୍ତ୍ୱାବଧାନରେ ନିଜ ଅଧସ୍ତନ କର୍ମଚାରୀ ମାନଙ୍କୁ ନେଇ ବିଭିନ୍ନ ଯୋଜନାର ସଫଳ ରୂପାୟନ କୁ ପ୍ରାଥମିକତା ଦେଇ ଆସୁଛନ୍ତି । ତୃଣମୂଳସ୍ତରର ନିର୍ବାଚିତ ପ୍ରତିନିଧିମାନଙ୍କୁ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇ ତାଙ୍କୁ ସାମିଲ କରୁଥିବାରୁ



ଶ୍ରୀମେହେର ସେମାନଙ୍କର ହୃଦୟ ଜିଣି ପାରିଛନ୍ତି । ବିଭିନ୍ନ ପଞ୍ଚାୟତ ବୁଲି ଚାଷିମାନଙ୍କୁ ରୋଗ ପୋକ ନିରାକରଣ ତଥା ସମନ୍ୱିତ ସାର ପରିଚାଳନା ବିଷୟରେ ସଚେତନ କରୁଛନ୍ତି । ମିଛାପାଲି ପଞ୍ଚାୟତ ଲିଟିବାହାଲ ଗ୍ରାମ ର ଡିଗ ମାଝୀଙ୍କ ମକା ଫସଲ ଜମିରେ ହଲଧରି ଶ୍ରୀମେହେର ଅଞ୍ଚଳର ଚାଷି ମାନଙ୍କୁ ଉତ୍ସାହିତ କରି ଚର୍ଚ୍ଚା ରେ ଆସିଛନ୍ତି । ଆଗାମୀ ଦିନରେ କୋମନା ବ୍ଲକରେ ଜୈବିକ କୃଷି ତଥା ଅଣଧାନ ଚାଷ ଉପରେ ଗୁରୁତ୍ୱ ଦେଇ ଚାଷିମାନଙ୍କର ସାମଗ୍ରିକ ଉନ୍ନତି ଲକ୍ଷ ରଖିଥିବା ଶ୍ରୀମେହେର ବାର୍ତ୍ତା ଦେଇଛନ୍ତି ।

# ବାହ୍ୟ ଜଗତରୁ ବିଛିନ୍ନ ଗୋପିସାହି ରେ କୋଇଡା ପ୍ରେସ କ୍ଲବ ଓ କୋଇଡା ପ୍ରଶାସନ ର ମିଳିତ ପ୍ରୟାସ ରେ ବଣ୍ଟନ ହେଲା ରିଲିଫ ସାମଗ୍ରୀ

କୋଇଡ଼ା : ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ ମାଳଦା ପଞ୍ଚାୟତ ଅନ୍ତର୍ଗତ ଗୋପିସାହିରେ ବସବାସ କରନ୍ତି ତେଇଶି ଟି ପରିବାର ର ଶହେ ରୁ ଉର୍ଦ୍ଧ ସଦସ୍ୟ ଓ ବିଗତ ଦିନରେ ହୋଇଥିବା ଲଗାଣ ବର୍ଷା ଯୋଗୁ ସୁନା ନାଳ ରେ ପାଣି ବଢିବା ଫଳରେ ବାହ୍ୟଜଗତ ରୁ ବିଛିନ୍ନ ହୋଇଛନ୍ତି ଗୋପୀସାହିର ଜନସାଧାରଣ । ସ୍ଥାନୀୟ ପ୍ରଶାସନ ଦୁଇ ଦିନ ପୂର୍ବେ ଶୁଖା ଖାଦ୍ୟ ସେମାନଙ୍କ ନିକଟରେ ପହଞ୍ଚାଇ ଥିଲା ଓ ଆଜି ପୁଣି ଥରେ



କୋଇଡା ତହସିଲଦାର ନିର୍ମଳ କୁମାର ବିଶ୍ୱାଳ, କୋଇଡା ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ପତି କୋଇଡା ପ୍ରେସ କ୍ଲବ ର ସଦସ୍ୟ ମାନେ କୋଇଡା ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଉଦ୍ୟମ ରେ ନାଳ ପାର ହୋଇ ଘଟଣା ସ୍ଥଳରେ ପହଂଚିଥିଲେ ଓ ସେଠାରେ ଉପସ୍ଥିତ ଥିବା ଜନସାଧାରଣ ଙ୍କ ସହିତ ଆଲୋଚନା କରିବା ସହିତ ଜନସାଧାରଣ ମାନଂକୁ ଶୁଖା ଖାଦ୍ୟ ଏବଂ ପାଣି ବୋତଲ ବଣ୍ଟନ କରିଥିଲେ ଓ ଯଥାଶୀଘ୍ର ସୁନା ନାଳ ଉପରେ ଏକ ପୋଲ ନିର୍ମାଣ କରିବା ପାଇଁ ସରକାର ଙ୍କୁ ଅବଗତ କରିବା ନେଇ କୋଇଡା ତହସିଲଦାର ନିର୍ମଳ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି ଓ କୋଇଡା ପ୍ରେସ କ୍ଲବ ସଦସ୍ୟ ମାନଙ୍କ ର ଏହି ମହତ କାର୍ଯ୍ୟ କୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଥିବା ବେଳେ ବୁଦ୍ଧିଜୀବୀ ମହଲ ରୁ ପ୍ରଶଂସା ର ସୁଅ ଛୁଟୁଛି ଓ

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ଏନ୍.ସି.ସି. କମାଣ୍ଡିଙ୍ଗ୍ ଅଫିସରଙ୍କ ପରିଦର୍ଶନ

ଭୁବନେଶ୍ୱର, (ପି.ଏନ):

କେଲରୋଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡକୁ ଏନ୍.ସି.ସି.ର କର୍ଣ୍ଣେଲ ଜୟନ୍ତ ମୋହନ ଯୋଶୀ ପରିଦର୍ଶନରେ ଆସି ବିଦ୍ୟାଳୟର ଏନ୍.ସି.ସି. ପିଲାମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ । ତାଙ୍କ ସହିତ ସୁବେଦାର ମେଜର ଲକ୍ଷ୍ମୀ ନାରାୟଣ, ସୁବେଦାର କରଣ ସିଂ ଉପସ୍ଥିତ



ଥିଲେ । ଉକ୍ତ ଅଧିକାରୀମାନଙ୍କୁ ବିଦ୍ୟାଳୟ ତରଫରୁ ପୁଷ୍ପଗୁଚ୍ଛ ଦେଇ ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ସ୍ୱାଗତ କରିଥିଲେ ।

# ଦୁର୍ଘଟଣାରେ ଆହତ ଯବାନଙ୍କ ମୃତ୍ୟୁ

ଭୁବନେଶ୍ୱର, (ପି.ଏନ):



ପୁରୀ ରଥଯାତ୍ରା ଡ୍ୟୁଟିରେ ଯାଇଥିବା ଆଇଆର୍‌ବି ଯବାନଙ୍କ ରବିବାର ରାତିରେ କଟକ ବଡ ମେଡିକାଲରେ ମୃତ୍ୟୁ ଘଟିଛି । ସେ ହେଲେ କୋମନା ଥାନା ଜଟଗଡ ପଞ୍ଚାୟତ ଭରୁଆମୁଣ୍ଡା ଗ୍ରାମର ଲକ୍ଷ୍ମଣ ମାଝି । ସୂଚନା ମୁତାବକ ଲକ୍ଷ୍ମଣ ୨୦୦୮ ମସିହାରେ ଚାକିରିରେ ଯୋଗ ଦେଇ ବିଭିନ୍ନ ଥାନା ଓ କ୍ୟାମ୍ପରେ ଡ୍ୟୁଟି କରିଥିଲେ । ଚଳିତବର୍ଷ ପୁରୀ ରଥଯାତ୍ରାରେ ତାଙ୍କୁ ଡ୍ୟୁଟି ପଡିଥିଲା । ସେଠାରେ ଡ୍ୟୁଟି ସାରି କ୍ୟାମ୍ପକୁ ଫେରିବା ସମୟରେ ବାଟରେ ଏକ ଚାରିଚକିଆ ଗାଡି ତାଙ୍କୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ କଟକ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ରବିବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ସେଠାରେ ବ୍ୟବଚ୍ଛେଦ ପରେ ଏକ ଆମ୍ବୁଲାନ୍ସ ଯୋଗେ ମରଶରୀର ନୂଆପଡା ଅଣାଯାଇଛି । ମଙ୍ଗଳବାର ଜନ୍ମ ମାଟିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ । ଲକ୍ଷ୍ମଣଙ୍କ ସ୍ତ୍ରୀ ଓ ୪ ଝିଅ ଅଛନ୍ତି । ତାଙ୍କ ମୃତ୍ୟୁ ପରେ ପରିବାର ବେସାହାରା ହୋଇ ପଡିଛନ୍ତି । ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଦୁଇ ଜଣ ଶିକ୍ଷକରେ ଚାଲିଛି ବାସିଙ୍ଗୀ ଉଚ୍ଚ ବିଦ୍ୟାଳୟ , ଶିକ୍ଷକ ନିଯୁକ୍ତି ଦାବି

ରାଇରଙ୍ଗପୁର -୩୦/୭ ମୟୂରଭଂଜ ଜିଲ୍ଲାର୍ ହଳଦା ବ୍ଲକର ୧୯୭୯ ମସିହାରେ ସ୍ଥାପିତ ହୋଇଥିବା ସିଙ୍ଗୀ ପଞ୍ଚାୟତର ଏକମାତ୍ର ଅନୁଦାନପ୍ରାପ୍ତ ବାସିଙ୍ଗୀ ଉଚ୍ଚ ବିଦ୍ୟାଳୟ ।ଏହି ବିଦ୍ୟାଳୟରେ ୧୧୦ ଶଯ୍ୟା ବିଶିଷ୍ଟ ବାଳିକା ଛାତ୍ରାବାସ ଥିବାବେଳେ୧୦୦ ଜଣ ବାଳିକା ଛାତ୍ରାବାସରେ ରହୁଛନ୍ତି ।ବିଦ୍ୟାଳୟରେ ନବମ ଓ ଦଶମ ଦୁଇଟି ଶ୍ରେଣୀ ଅଛି । ଏହି ସ୍କୁଲଟି ବର୍ତ୍ତମାନ ସଂସ୍କୃତ ଶିକ୍ଷୟତ୍ରୀ,କ୍ରୀଡା ଶିକ୍ଷକ ଏବଂ ଗୋଟିଏ ପିଅନରେ ଚାଲିଛି । ଅନ୍ୟ ବିଭାଗର ସମସ୍ତ ୬ ଶିକ୍ଷକ,କିରାଣୀ



ଶିକ୍ଷକ, ଏବଂ ଦୁଇ ପିଅନ ବସର ହେଲେଣି ତ କିଛି ମରି ହଜିଗଲେଣି । ନବମ ଏବଂ ଦଶମ ର ୧୦୮ ଛାତ୍ରଛାତ୍ରୀ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି ।ସଂସ୍କୃତ ଶିକ୍ଷୟତ୍ରୀ ମଧ ପରାଲେସିସ ରୋଗରେ ଆକ୍ରାନ୍ତ ସେ ଚାଲିବାକୁ ଅକ୍ଷମ ।ଏଣେ ପାଠ ପଢାଇବ କିଏ,ମଧ୍ୟହ୍ନାହ୍ନ ଭୋଜନ ତଦାରଖ କରିବ କିଏ,ଏବଂ ଛାତ୍ରାବାସରେ ରହୁଥିବା ୧୦୦ ବାଳିକାଙ୍କ ଖାଦ୍ୟପେୟ,ରହିବ,ସ୍ୱାସ୍ଥ୍ୟ କଥା ବୁଝିବ କିଏ ? ତେଣୁ ସ୍କୁଲରେ ଶିକ୍ଷକ ନ ଥିବା ଯୋଗୁଁ ଅଭିଭାବକମାନେ ନିଜ ଛୁଆକୁ ଏହି ସ୍କୁଲରେ ପାଠ ପଢ଼ାଇବା କୁ ଅମଙ୍ଗ ହେଉଛନ୍ତୀ ତେଣୁ ଜିଲ୍ଲାପାଳ ଦୃଷ୍ଟି ଦେଇ ଆବଶ୍ୟକୀୟ ସ୍ଥାୟୀ ଶିକ୍ଷକ ପୂରଣ ପାଇଁ ପଦକ୍ଷେପ ନେବାକୁ ଅଭିଭାବକ ଏବଂ ଛାତ୍ରଛାତ୍ରୀ ଗୁହାରି କରୁଛନ୍ତି ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ଜୁଲାଇ ୩୧

# ବିପଦରେ ଝିଅଙ୍କ ଶିକ୍ଷା !


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ବିପଦରେ ସରକାରୀ ବିଦ୍ୟାଳୟର ଗୁରୁତ୍ୱ ହ୍ରାସ ନେଇ ନିକଟରେ ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ନିଶ୍ଚିତ ଭାବେ ଚିନ୍ତାଜନକ । ସମ୍ବାଦପତ୍ରର ରିପୋର୍ଟରେ କୁହାଯାଇଛି ଯେ, ୨୦୧୨-୧୩ରୁ ୨୦୨୩-୨୪ ମଧ୍ୟରେ ଦେଶରେ ସରକାରୀ ବିଦ୍ୟାଳୟର ଭାଗିଦାରୀ ୭୪.୨ ପ୍ରତିଶତରୁ ୯୬.୧ ପ୍ରତିଶତକୁ ଖସି ଆସିଥିବାବେଳେ ଘରୋଇ ବିଦ୍ୟାଳୟଗୁଡିକର ଶିକ୍ଷାକ୍ଷେତ୍ରରେ ଭାଗିଦାରୀ ୧୭.୨ ପ୍ରତିଶତରୁ ୨୨.୫ ପ୍ରତିଶତକୁ ବୃଦ୍ଧି ପାଇଛି । ଅର୍ଥାତ ଗଲା ୧୧ବର୍ଷ ମଧ୍ୟରେ ଶିକ୍ଷାକ୍ଷେତ୍ରରେ ସରକାରୀ ବିଦ୍ୟାଳୟଗୁଡିକର ଭାଗିଦାରୀ ୧୧ପ୍ରତିଶତ କମିଥିବା ସମୟରେ ଘରୋଇ ବିଦ୍ୟାଳୟଗୁଡିକର ଭାଗିଦାରୀ ୫ପ୍ରତିଶତ ବୃଦ୍ଧି ପାଇଛି । କିନ୍ତୁ ଏହା ନିସନ୍ଦେହ ଯେ ବିନା କାରଣରେ ଘରୋଇ ବିଦ୍ୟାଳୟଗୁଡିକର ଗୁରୁତ୍ୱ ବୃଦ୍ଧି ପାଇନାହିଁ । ପ୍ରଥମତଃ ଦେଶରେ ଥିବା ମାଧ୍ୟମିକ ଏବଂ ଉଚ୍ଚ ବିଦ୍ୟାଳୟଗୁଡିକ ରହିଛି, ସେଗୁଡିକ ଉତମ ମାନର ଶିକ୍ଷା ପ୍ରଦାନରେ ସମର୍ଥ ନୁହଁନ୍ତି । ଭିତିଭୂମିର ଅଭାବ, ତାଲିମ ପ୍ରାପ୍ତ ଶିକ୍ଷକ-ଶିକ୍ଷୟତ୍ରୀ ଏବଂ ଉତରଦାୟିତ୍ୱର ଅଭାବ ହେଉଛି ଏହାର କାରଣ । ସରକାରୀ ଓ ଘରୋଇ ବିଦ୍ୟାଳୟ ମଧ୍ୟରେ ଅସମତାଗୁଡିକ ବୃଦ୍ଧି ପାଇବାରେ ଲାଗିଛି । ଏହା ବ୍ୟତୀତ ସବୁଠୁ ଉଦ୍‌ବେଗରକଥା ହେଉଛି, ଉଭୟ ସରକାରୀ ଓ ଘରୋଇ ବିଦ୍ୟାଳୟଗୁଡିକରେ ଗୁରୁତର ଲିଙ୍ଗଗତ ଅସଙ୍ଗତି । ସେହିପରି ଦେଶର ଅର୍ଦ୍ଧାଧିକ ରାଜ୍ୟ, ବିଶେଷ କରି ପଶ୍ଚିମ ଓ ଉତର ଭାରତୀୟ ରାଜ୍ୟଗୁଡିକରେ ଉଭୟ ସରକାରୀ ଓ ଘରୋଇ ବିଦ୍ୟାଳୟରେ ଛାତ୍ରୀଙ୍କ ତୁଳନାରେ ଛାତ୍ରଙ୍କ ସଂଖ୍ୟା ଅଧିକ । ବିଶେଷ କରି ଭାରତ ପରି ଏକ ପୁରୁଷ ପ୍ରଧାନ ଦେଶରେ ଝିଅଙ୍କ ଅପେକ୍ଷା ପୁଅମାନଙ୍କୁ ଗୁରୁତ୍ୱ ଦିଆଯାଇଥାଏ । ଯଦି ଏହା ୟୁନିଫାଏଡ ଡିଷ୍ଟ୍ରିକ୍ଟ ଇନଫରମେସନ ସିଷ୍ଟମ ଫର ଏଜୁକେଶନ (ଏୟୁଡିଆଇଏସଇ) ଏବଂ ଅଲଇଣ୍ଡିଆ ସର୍ଭେ ଅନ ହାୟର ଏଜୁକେଶନ (ଏଆଇଏସଏଚଇ) ତଥ୍ୟ ସହ ସମ୍ପୃକ୍ତ ତେବେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅନୁସନ୍ଧାନ ସିଦ୍ଧାନ୍ତ ବୋଲି କୁହାଯାଇପାରେ । ଏହା ନିସନ୍ଦେହ ଯେ, ଅଷ୍ଟମ ଶ୍ରେଣୀ ପରେ ଦେଶରେ ସ୍କୁଲ ଯାଉଥିବା ପିଲାଙ୍କ ମଧ୍ୟରେ ଲିଙ୍ଗଗତ ପାର୍ଥକ୍ୟ ବୃଦ୍ଧି ପାଇଥାଏ । ବିଶେଷ କରି ମାଗଣା ଶିକ୍ଷା ଅଧିକାର ସମୟ ହିଁ ଅଷ୍ଟମ ଶ୍ରେଣୀ ପରେ ଶେଷ ହେବା ପରେ ଝିଅଙ୍କ ଡ୍ରପ ଆଉଟ୍ ସଂଖ୍ୟା ବୃଦ୍ଧି ପାଇଥାଏ । ଏହାର ଅର୍ଥ ଦେଶରେ ଗରିବ, ଅସହାୟ ସଥା ସୀମିତ ଆୟକାରୀ ପରିବାରଗୁଡିକ ଯେତେବେଳେ ପୁଅ-ମାନଙ୍କ ପାଠପଢାରେ ବ୍ୟୟ କରିଥାନ୍ତି, ଏଇଥିପାଇଁ ଯେ, ସେମାନଙ୍କ ଠାରୁ ଭବିଷ୍ୟତରେ ଆୟର ଲାଭ ଆଶା କରିଥାନ୍ତି । ଝିଅମାନେ ବଡ ହେବା ପରେ ବାହା ହୋଇଯାଉଥିବାରୁ ଆର୍ଥୀକ ଦୃଷ୍ଟିରୁ ପରିବାର ଲାଭବାନ ହୋଇପାରୁନାହାଁନ୍ତି । ଯାହାକି ଜଣାଶୁଣା । ଏଥିଲାଗି ଝିଅଙ୍କୁ ପାଠ ପଢାଇବା ପାଇଁ ପରିବାର ଅନାଗ୍ରହୀ । ଆହୁରି ମଧ୍ୟ ୟୁଜିଆଇଏସଇ ଏବଂ ଏଆଇଏସଏଚଇକୁ ଅଭିଭାବକମାନେ କହିଛନ୍ତି ଯେ, ଘରଠାରୁ ଦୂରରେ ବିଦ୍ୟାଳୟ ଯୋଗୁଁ ଝିଅମାନଙ୍କୁ ପାଠ ପଢାଇବା ପାଇଁ ପଠାଇବା ଅତ୍ୟ' ବିପଦ ସଂକୁଳ । ଆମ ଦେଶରେ ପ୍ରତି ୧୫ମିନିଟରେ ଜଣେ ଯୁବତୀ ବଳାତ୍କାରର ଶୀକାର ହେଉଥିବା ଝିଅମାନଙ୍କୁ ଦୂରକୁ ପାଠ ପଢିବା ପାଇଁ ନିରାପଦ ନୁହେଁ । ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ଆମ ଦେଶରେ ବିଦ୍ୟାଳୟ ହେଉ କି ଘର ବାହାରେ ନୁହେଁ, ଛାତ୍ରୀମାନେ ନିରାପଦ ନୁହଁନ୍ତି । ଏଇ ନିକଟରେ ଆମ ରାଜ୍ୟରେ ଛାତ୍ରୀଙ୍କୁ ଯୌନ ନିର୍ଯ୍ୟାତନା ଠାରୁ ଆରମ୍ଭ କରି ଗଣଦୁଷ୍କର୍ମ ଆଦି ବହୁ ଘଟଣା ଘଟିଛି । ଏପରି ସ୍ଥଳେ ଛାତ୍ରୀଙ୍କୁ ଉଚ୍ଚଶିକ୍ଷିତା କରିବାପାଇଁ ପିତାମାତା ଆଗ୍ରହୀ ନଥିବା ଉଭୟ ୟୁଡିଆଇଏସଇ ଏବଂ ଏଆଇଏସଏଚଇ ରିପୋର୍ଟରେ କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଝିଅଙ୍କୁ ଶିକ୍ଷିତା କରାଇବା ଏବଂ ଏଥିଲାଗି ସେମାନଙ୍କୁ ଉତ୍ସାହିତ କରିବା ପାଇଁ ୧୪ବର୍ଷ ପର୍ଯ୍ୟନ୍ତ ମାଗଣା ଶିକ୍ଷାକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ବହୁ ଯୋଜନା କାର୍ଯ୍ୟକାରୀ ହେଉଛି । ସେହିପରି ସେମାନଙ୍କ ନିରାପଦ ଲାଗି ବହୁ କଠୋର ଆଇନ ମଧ୍ୟ ରହିଛି । ଏହା ସତ୍ତ୍ୱେ ବିଦ୍ୟାଳୟରେ ଛାତ୍ରୀ ଅସୁରକ୍ଷିତ । ଯାହାକି ଛାତ୍ରୀଙ୍କ ସଂଖ୍ୟା ହ୍ରାସର କାରଣ ବୋଲି କୁହାଯାଏ । ଏହି ସମସ୍ତ ପ୍ରତିବନ୍ଧକ ଦୂର ପାଇଁ ଉଭୟ ସରକାର ଓ ଅଭିଭାବକ ଯତ୍ନବାନ ହେବା ଜରୁରୀ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋ-୭୯୭୮୬୬୬୪୦୩

## ଭକ୍ତ ତୁଳସୀ ଦାସଙ୍କ ପାଇଁ ଦୋହା ଲେଖିଦେଲେ ସ୍ୱୟଂ ହନୁମାନ !


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଭକ୍ତ ପାଇଁ ଭଗବାନ କ'ଣ ନକରନ୍ତି ? ଭକ୍ତର କଥା, ତାର ଖବର ସେ ପ୍ରତି ମୁହର୍ତରେ ରଖିଥାନ୍ତି । ଆକବରଙ୍କ ଫାଶରୁ ତୁଳସୀଦାସଙ୍କୁ ଭଗବାନ କିପରି ଉଦ୍ଧାର କଲେ, ତାହା ତ ଶୁଣିଲେ । ଏବେ ଆଉ ଗୋଟିଏ କଥା ଶୁଣିବା, ଭକ୍ତ ଭିତରେ ଶୁଦ୍ଧ ଭାବନା ଜାତ ହେବା ମାତ୍ରେ ଭଗବାନ କିପରି ତାର ସହାୟତା କରିଥାନ୍ତି । ଶୁଣାଯାଏ ଯେ ଗୋସ୍ୱାମୀ ତୁଳସୀ ଦାସ ଶ୍ରୀରାମଚରିତ ମାନସ ପ୍ରଣୟନ କରିବାବେଳେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ବନବାସ ପ୍ରସଙ୍ଗ ଲେଖୁ ଲେଖୁ ଅତ୍ୟନ୍ତ ଭାବ ବିହ୍ୱଳ ହୋଇଗଲେ । କାରଣ ଅନୁଜ ଲକ୍ଷ୍ମଣ ଓ ଜାନକୀ ସହିତ ପ୍ରଭୁ ରାଜାପୁର ଗ୍ରାମ ଦେଇ ଚିତ୍ରକୂଟ ଯାଇଥିଲେ ଆଉ ତୁଳସୀ ଦାସଙ୍କ ଜନ୍ମ ସ୍ଥାନ ମଧ୍ୟ ସେହି ରାଜାପୁର ଥିଲା । ସେହି ଗ୍ରାମର ନରନାରୀ ପ୍ରଭୁଙ୍କର ମୁନିମନମୋହନ ରୂପ ସୌନ୍ଦର୍ଯ୍ୟ ଦର୍ଶନ କରି ତୃପ୍ତ ହେଉନଥାନ୍ତି । କିନ୍ତୁ ତାଙ୍କୁ ଗଛ ଛାଇରେ ବସିବା ପାଇଁ କହୁଥାଏ ତ କିଏ କୂଅରୁ କାଢ଼ିଆଣି ଶୀତଳ ଜଳ ପିଇବାକୁ ଦେଉଥାଏ, ପୁଣି ଆହୁରି କଏ ସେମାନଙ୍କର ପରିଚୟ ପଚାରୁଥାଏ । ଏହି ପ୍ରସଙ୍ଗ ବର୍ଣ୍ଣନା କ୍ରମରେ ତୁଳସୀଦାସଙ୍କ ମନରେ ଭାବ ଉଦୟ ହେଲା ଯେ ସେ ଯଦି ସେହି ସମୟରେ ଜନ୍ମ ହୋଇଥାନ୍ତେ, ପ୍ରଭୁଙ୍କ ଦର୍ଶନର ସୌଭାଗ୍ୟ ପାଇଥାନ୍ତେ । କିନ୍ତୁ ତାହା ଆଉ କି ସମ୍ଭବ ? ସମୟ ତ ବିତି ସାରିଛି । ଭାବଗ୍ରାହୀ ଭଗବାନ ଭକ୍ତର ଭାବକୁ ରକ୍ଷା କଲେ । ତୁଳସୀଦାସଙ୍କୁ ଲାଗିଲା ସତେ ଯେପରି ପ୍ରଭୁ ତାଙ୍କୁ କହିଛନ୍ତି ଭକ୍ତବର ! ତୁମେ ସିନା ମୋର ବନବାସ ଲୀଳା ସମୟରେ ନଥିଲା, କିନ୍ତୁ ମୁଁ ତ ତୁମ ଜୀବନକାଳରେ ଅଛି, ମୋ ଲୀଳା ତ ଏବେ ବି ଚାଲିଛି । ଆସ, ତୁମେ ବି ସେଥିରେ ସମ୍ମିଳିତ ହୋଇଯାଅ । ଗୋସ୍ୱାମୀ ପ୍ରକୃତିରାଜ୍ୟରୁ ହଠାତ୍ ଲୀଳାରାଜ୍ୟରେ ପହଞ୍ଚିଗଲେ । ସେ ଅନୁଭବ କଲେ ଯେ ରାଜାପୁର ଗ୍ରାମର ଅନ୍ୟ ନରନାରୀଙ୍କ ସହିତ ସେ ମଧ୍ୟ ପ୍ରଭୁଙ୍କ ଦର୍ଶନ କରୁଛନ୍ତି । ଜଗନ୍ମାତା ଜାନକୀଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣାମ କରୁଛନ୍ତି । ମାଆ ସ୍ନେହରେ ତାଙ୍କୁ ଆଶୀର୍ବାଦ ଦେଉଛନ୍ତି । ପୁଣି ପ୍ରଭୁ ରାମଚନ୍ଦ୍ରଙ୍କ ପାଦପଦ୍ମରେ ପ୍ରଣାମ କରୁଛନ୍ତି । ମାଆ ସ୍ନେହରେ ତାଙ୍କୁ ଆଶୀର୍ବାଦ ଦେଉଛନ୍ତି । ପୁଣି ପ୍ରଭୁ ରାମଚନ୍ଦ୍ରଙ୍କ ପାଦ ପଦ୍ମରେ ପ୍ରଣାମ କରିବାରୁ ପ୍ରଭୁ ତାଙ୍କୁ ଭୂଇଁରୁ ସାଉଁଟି ନେଇ କୋଳାଗ୍ରତ କରୁଛନ୍ତି । ତାଙ୍କର ଭଲ ମନ୍ଦ ପଚାରୁଛନ୍ତି । ପୁଣି ତୁଳସୀ ଦାସ ଲକ୍ଷ୍ମଣଙ୍କୁ ଭ୍ରାତୃପ୍ରେମରେ ଭାବିତ ହୋଇ ଆଲିଙ୍ଗନ କରୁଛନ୍ତି । କିଛି କହିବାକୁ ତାଙ୍କର ବାରଇ ସ୍ଫୁରୁ ନାହିଁ । ମନେ ମନେ ନିଜକୁ ଧନ୍ୟ ମନେ କରୁଛନ୍ତି, କୃତାର୍ଥତା ଅନୁଭବ କରୁଛନ୍ତି ।

ଗୋସ୍ୱାମୀଙ୍କର ଏହିଭଳି ସ୍ଥିତି ବହୁ ସମୟ ପର୍ଯ୍ୟନ୍ତ ରହିଲା । ସେତେବେଳକୁ ତାଙ୍କ ଲେଖନୀ ତ ବନ୍ଦ ହୋଇସାରିଥିଲା । ସେହି ସମୟରେ ଭକ୍ତରାଜ ହନୁମାନ ଆସି ତେହି ଅବସର ଏକ ତାପସ ଆୱା । ତେଜପୁଞ୍ଜୀ ଲଘୁ ବୟସ ସୁହାୱା । ଠାରୁ ଆରମ୍ଭ କରି ପିଅତ୍ ନୟନ ପୁଟ ରୂପୁ ପିୟୂଷା । ମୁଦିତ ସୁଅସନୁ ପାଇ ଜିମି ଭୂଖା । ପର୍ଯ୍ୟନ୍ତ ଦୋହା ଗୁଡ଼ିକୁ ସ୍ୱହସ୍ତରେ ଲେଖିଦେଲେ । ଗୋସ୍ୱାମୀ ପ୍ରକୃତିସ୍ଥ ହେବା ପରେ ତାପର ଠାରୁ ପୁଣି ଲେଖିବା ଆରମ୍ଭ କଲେ । ଭକ୍ତ ତୁଳସୀ ଦାସଙ୍କ ଜୟନ୍ତୀରେ ସମସ୍ତେ କୃପା ପ୍ରାପ୍ତ ହୁଅନ୍ତୁ ଏହା ହିଁ କାମନା ।

ପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ,
କଟକ

# ବର୍ଷାଦିନେ ଗର୍ଭବତୀଙ୍କ ସୁସ୍ଥ ରହିବା ନେଇ ସତର୍କତା

ସାଧାରଣତଃ ମୌସୁମୀ ସମୟରେ ଲେପ୍ଟୋସିରୋସିସ୍ ଆଦି ଗମ୍ଭୀର ରୋଗ ହେବାର ଆଶଙ୍କା ବଢ଼ିଯାଏ । ସାଧାରଣତଃ ଏହିଦିନେ ମଣିଷ ଦ୍ୱାରା ହେଉ ଅବା ପଶୁ ଦ୍ୱାରା ଜୀବାଣୁ ଯାଇ ଗର୍ଭବତୀ ମହିଳାଙ୍କ ଠାରେ ପହଂ । ଏହାର ବିଶେଷ ପ୍ରଭାବ ଗର୍ଭରେ ବଢୁଥିବା ପିଲା ଉପରେ ପଡ଼େ । ଏହିପରି ବି ହୁଏ ପିଲାର ଜୀବନ ନେଇଯାଏ ଏହି ଜୀବାଣୁ । ଏହା ବ୍ୟତୀତ ପେଟ ସଂକ୍ରମଣ, ଡିହାଇଡ୍ରେସନ ଆଦି ଜଳ ଜନିତ ରୋଗ ହୋଇଥାଏ । ଏଥିପାଇଁ ଗର୍ଭବତୀ ମହିଳା ଏହି ମୌସୁମୀରେ ବିଶେଷ ଧ୍ୟାନ ରଖିବା ଦରକାର ।

ଖାଦ୍ୟପେୟ : ବର୍ଷାଦିନେ ଡିହାଇଡ୍ରେସନ ଏକ ବଡ଼ ସମସ୍ୟା । ଏଥିପାଇଁ ଏହିଦିନେ ପ୍ରଚୁର ପାଣି ପିଅନ୍ତୁ । ତରଳ ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ । ଏହା ଶରୀରରେ ଜଳୀୟଅଂଶ ଧରି ରଖିବା ସହ ଚିନ୍ତା ଦୂର କରେ । ଯଦି ଚେତାଶୂନ୍ୟ, ମୁଣ୍ଡ ବୁଲାଇବା, ମୁଣ୍ଡ ବ୍ୟଥା ଅବା ଗରମ ଭଳି କିଛି ସମସ୍ୟା ଦେଖା ଦେଉଥିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଏହା ସହିତ ତରଳ ଖାଦ୍ୟ ଖାଆନ୍ତୁ । ରାସ୍ତାକଡ଼ରେ ତିଆର ହେଉଥିବା ଖାଦ୍ୟ ଖାଆନ୍ତୁନାହିଁ । ଯଦି ସେହିଭଳି ଖାଦ୍ୟ ଖାଇବାକୁ ଇଚ୍ଛା ହେଉଥାଏ, ତେବେ ନିଜେ ତିଆରି କରି ଉକ୍ତ ଖାଦ୍ୟ ଖାଆନ୍ତୁ । ବାହାର ଖୋଲା ପାଣି ପିଇବା ଅପେକ୍ଷା ମିନେରାଲ ପାଣି ପିଅନ୍ତୁ । ଖାଦ୍ୟ ପ୍ରସ୍ତୁତ ସମୟରେ ପନିପରିବାକୁ ଭଲ ଭାବରେ ଧୂଅନ୍ତୁ । ବିଶେଷ କରି ସବୁଜ ପନିପରିବାକୁ ରୋଷେଇରେ ସାମିଲ କରନ୍ତୁ । ଏହା ଉଭୟ ମା' ଓ ପିଲାପାଇଁ ବହୁତ ଭଲ ।

ଘର ସଫା ରଖ : ଗର୍ଭାବସ୍ଥାରେ ଘରର ସଫାସୁତୁରା ଉପରେ ସର୍ବଦା ଧ୍ୟାନ ଦେବା ଦରକାର । ଘରେ କୌଣସି କୀଟାଣୁ ଜୀବାଣୁ ନ ରହିବା ଦରକାର । ଯଦି ଘରେ ମଇଳା ରହେ, ତେବେ କୀଟାଣୁ ତ୍ୱଚା ଓ ପେଟକୁ ସଂକ୍ରମଣ କରିବ । ଘରର ଦ୍ୱାରମୁହଁ ଖୋଲା କରି ରଖ । ଏହାଦ୍ୱାରା ତାଜା ପବନ ଘର ଭିତରକୁ ଆସିବ । ଡେଙ୍ଗୁ ଓ ମ୍ୟାଲେରିଆ ଠାରୁ ରକ୍ଷା ପାଇବା ପାଇଁ ସର୍ବଦା କୁଲର ସଫା ରଖନ୍ତୁ । ଜୋତା ଚପଲ ଘର ଭିତରକୁ ନ ଆଣି ଘର ବାହାରେ ରଖନ୍ତୁ । ଏହାଦ୍ୱାରା ବାହାରରର ଜୀବାଣୁ ଓ କୀଟାଣୁ ଘରକୁ ଆସିବ ନାହିଁ । ଏହି ସମୟରେ ଯେତେ ସମ୍ଭବ ଘର ଲୋକ ଓ ଡାକ୍ତରଙ୍କ ସହିତ ପରାମର୍ଶ ନିଅନ୍ତୁ । ଏହାଦ୍ୱାରା ଜୀବାଣୁ ଓ କୀଟାଣୁ ଠାରୁ ଦୂରେଇ ରହିପାରିବେ ଏବଂ ସୁସ୍ଥ ରହିପାରିବେ ।

କପଡ଼ା : ବର୍ଷା ଦିନେ ବି ଦେହରୁ ଝାଳ ବାହାରେ । ଏଣୁ ଆରାମ ଲାଗୁଥିବା କପଡ଼ା ପିନ୍ଧନ୍ତୁ । ଯାହା ଆରମଦାୟକ ଅନୁଭବ ହେବ । ଏହା ସହିତ ପେଟକୁ ମଧ୍ୟ ଆରାମ ଲାଗିବ । ବର୍ଷାଦିନେ ସର୍ବଦା ଢ଼ିଲା ପୋଷାକ ପିନ୍ଧନ୍ତୁ । କାରଣ ଟାଇଟ୍ ପୋଷାକ ପିନ୍ଧିବା ଦ୍ୱାରା କୁଣ୍ଡାଇ ହେବାପରି ସମସ୍ୟା ଦେଖାଦେଇଥାଏ । ଏମିତିରେ ବି ଟାଇଟ ପୋଷାକ ପିନ୍ଧିଥିଲେ ଶିଶୁ ପାଇଁ କ୍ଷତିକାରକ । ଶିଶୁ ଠିକ୍ ଭାବରେ ବିକାଶ କରିପାରେ ନାହିଁ । ଏଣୁ ଆରାମଦାୟକ ପୋଷାକ ପିନ୍ଧନ୍ତୁ । ସିନ୍ଥେଟିକ୍ ପୋଷାକ ନପିନ୍ଧି ସୂତା ପୋଷାକ ପିନ୍ଧନ୍ତୁ । ସିନ୍ଥେଟିକ ତ୍ୱଚା ଉପରେ ପ୍ରଭାବ ପକାଇପାରେ । ପାଦକୁ ଘୋଡାଇ ରଖିବା ଦରକାର । ଏଣୁ ସର୍ବଦା ମୋଜ ପିନ୍ଧନ୍ତୁ । ଏହାଦ୍ୱାରା ଅଧିକ ଥଣ୍ଡା ହୋଇନଥାଏ ।

ସଫାସୁତୁରା : ଗର୍ଭବତୀ ଅତିକମ୍‌ରେ ଦୁଇଥର ଗାଧୋଇବା ଦରକାର । ପ୍ରତି ଏକ ଘ□ା ଅନ୍ତରରେ ଓଦା ଟାୱେଲରେ ଚେହେରା ପୋଛି ଦେବା ଦରକାର । ଯଦି ସମ୍ଭବ ହୁଏ ଗୋଲାପ ଜଳରେ ଚେହେରା ପୋଛି ପାରିବେ । ବଗିଚାରେ ବି ଖାଲି ପାଦରେ ଚାଲନ୍ତୁ ନାହିଁ । କାରଣ ବର୍ଷାଦିନିଆ କାଦୁଅରେ ପାଦର ତ୍ୱଚା ସଂକ୍ରମଣ ହୋଇପାରେ । ସଡ଼କ ଉପରେ ଚାଲୁଥିବା ପାଣି ମଧ୍ୟ ଗର୍ଭବତୀଙ୍କ ପାଇଁ କ୍ଷତିକାରକ । ଏଣୁ ଏଥିପ୍ରତି ସାବଧାନ ରହିବା ଦରକାର । ଯେତେଥର ବାହାରକୁ ଯିବେ, ସେତେଥର ହାତ ଓ ଗୋଡ ଉଷୁମ ପାଣି କିମ୍ବା ମେଡିକେଟେଡ ସାବୁନରେ ଧୂଅନ୍ତୁ । ଏହାଦ୍ୱାରା ଜୀବାଣୁ ଆପଣଙ୍କ ପିଲା ପାଖରେ ପହଂପାରିବ ନାହିଁ । ଏହି ଦିନରେ ଜଳଜନିତ ରୋଗ ଯୋଗୁଁ ପେଟରେ ସଂକ୍ରମଣ ହେବା ଏକ ସାଧାରଣ କଥା । ଏଥିପାଇଁ ଆପଣ ଯେଉଁ ପାଣି ପିଉଛନ୍ତି ତାହା ସଫା ହୋଇଥିବା ସହିତ ଜୀବାଣୁ ମୁକ୍ତ ହେବା ଦରକାର । ଏହା ମଧ୍ୟ ମନେରଖିବେ ଗର୍ଭାବସ୍ଥାରେ ହାଇଜେନିକ୍ ଖାଦ୍ୟ ଖାଇବା ସହିତ ଫାଷ୍ଟଫୁଡ୍ ଓ ପକେଟ ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ଗର୍ଭବତୀଙ୍କ ସହିତ ଘରର ସମସ୍ତ ସଦସ୍ୟ ସଫାସୁତୁରା ରହିବା ଦରକାର । ଏହାଦ୍ୱାରା ପିଲାଟି ସୁସ୍ଥ ଭାବରେ ଜନ୍ମ ହୋଇପାରିବ ।


ଡାକ୍ତର ଶୁଭଶ୍ରୀ ମିଶ୍ର

ପ୍ରାୟତଃ ବର୍ଷାଦିନରେ ଗୃହିଣୀ ଓ ବିଶେଷକରି ପ୍ରସୂତୀମାନେ ଅନେକ ସମସ୍ୟାକୁ ସାମ୍ନା କରିଥାନ୍ତି । ପରିଶ୍ରମ ତୁଳନାରେ ବିଶ୍ରାମ ନେଇ ନଥାନ୍ତି ଏବଂ ଜଳବାୟୁରେ ଆର୍ଦ୍ରତା ରହୁଥିବାରୁ ସେମାନଙ୍କୁ ପ୍ରାୟତଃ ଭୋକ ହୋଇନଥାଏ । ସେହିପରି କର୍ମଜିବୀ ମହିଳାମାନେ ନିଜ ନିୟମିତ ଦିନଚର୍ଯ୍ୟାକୁ ନେଇ ଏପରି ବ୍ୟସ୍ତ ରହିଥାନ୍ତି ଯାହାଦ୍ୱାରା ସେମାନେ ନିର୍ଦ୍ଧାରିତ ସମୟରେ ଖାଇବା ଓ ବିଶ୍ରାମ କରିପାରିନଥାନ୍ତି । ସେହିପରି ବର୍ଷାଦିନରେ ଭିଜି ଯିବା କାରଣରୁ ଥଣ୍ଡାଜ୍ୱର ହେବାର ଅନେକ ସମ୍ଭାବନା ରହିଥାଏ । ଅସ୍ୱସ୍ତିକର ପରିବେଶ ସଂସ୍ପର୍ଶରେ ଆସିବା ଦ୍ୱାରା ସନ୍ତାନ ସମ୍ଭବା ମାଆମାନେ ବିଶେଷକରି ଆସନ୍ନପ୍ରସବା ମାନେ ଅଧିକ ସମସ୍ୟାକୁ ସାମ୍ନା କରିଥାନ୍ତି । ଏହି ଋତୁରେ ପିଇବା ପାଣି ପ୍ରାୟତଃ ଜଳ ଉତ୍ସ ଦୂଷିତ ରହୁଥିବାରୁ ଏହା ଝାଡ଼ା-ବାନ୍ତିର କାରଣ ମଧ୍ୟ ହୋଇଥାଏ । ତେଣୁ ବର୍ଷାଦିନେ ସମ୍ପୂର୍ଣ୍ଣ ଭାବେ ଫୁଟାପାଣି ପିଇବା ଅତ୍ୟନ୍ତ ଜରୁରୀ ଓ ସ୍ୱାସ୍ଥ୍ୟପ୍ରଦ । ବର୍ଷାଦିନେ ଅନେକ ଋତୁକାଳୀନ ପନିପରିବା ଓ ଦେଶୀୟ ଫଳ, କୋଳି ହୋଇଥାଏ ତେଣୁ ସନ୍ତାନ ସମ୍ଭବାମାନେ ଖାଦ୍ୟ ଲାଳସାରେ ଏହାକୁ ଖାଇବା ପାଇଁ ଅଧିକ ଆଗ୍ରହ ରଖିଥାନ୍ତି । ସେହିପରି ବର୍ଷାଦିନେ ଉଭୟ ଛତୁ ଓ ଆମିଷ ଭିତରେ ମାଛ ପ୍ରଚୁର ପରିମାଣରେ ମିଳୁଥିବାରୁ ଅନେକ ଏହାକୁ ଆଗ୍ରହ ରଖିଥାନ୍ତି ତେବେ କେତେକ ପରିସ୍ଥିତିରେ ଛତୁ ବିଷାକ୍ତ ହୋଇଯିବାର ଉଦାହରଣ ମଧ୍ୟ ରହିଛି । ସେହିପରି ମୌସୁମୀ ପ୍ରଥମ ଜଳର ମାଛ ଗୁଡ଼ିକ ମଧ୍ୟ ଖାଇବା ପାଇଁ ହଜମ କାରକ ହୋଇନଥାଏ । ବର୍ଷାଦିନେ ବିଶେଷକରି ଗର୍ଭବତୀ ଜଣକ ଯେପରି କୌଣସି ପରିସ୍ଥିତିରେ ନ ତିନ୍ତତି ସେ ଦିଗଟିକୁ ଭଲ ଭାବେ ଦେଖନ୍ତୁ । ଗର୍ଭବତୀ ଜଣକ ଯେପରି ଲମ୍ବା ରାସ୍ତା ନ ଚାଲନ୍ତି ଓ ଭାରବାହୀ ଓଜନଦାର ପରିଶ୍ରମ କାର୍ଯ୍ୟରୁ ନିବୃତ ରୁହନ୍ତି ସେ ଦିଗଟିକୁ ମଧ୍ୟ ଯତ୍ନବାନ ହେବା ବାଞ୍ଛନୀୟ । ଥଣ୍ଡା ଓ କୋହଲା ତଥା ବର୍ଷା ତିନ୍ତା କାରଣରୁ କେତେକ କର୍ମଜୀବୀ ମହିଳାମାନେ ପିକା ବା ଦେଶୀୟ ଛୋଟ ମୋଟ ନିଶାଦ୍ରବ୍ୟ ଟିକେ ଗ୍ରହଣ କରିବା ପାଇଁ ଗର୍ଭବତୀ ଜଣଙ୍କୁ କହିଥାନ୍ତି ଏହା ଆଦୌ ଠିକ ନୁହେଁ । ସେହିପରି କେତେକ ଦେଶୀୟ ଚିକିତ୍ସାକୁ ଗ୍ରହଣ କରନ୍ତି ଏହା ଆମର ବର୍ଷ ବର୍ଷର ପାରମ୍ପରିକ ଚିକିତ୍ସା କିନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ନିରାପଦ ନୁହେଁ । ସରକାରଙ୍କ ସ୍ୱାସ୍ଥ୍ୟ ସେବା ବିଭାଗ ରାଜ୍ୟର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ବଡ଼ ଡାକ୍ତରଖାନାରେ ସମସ୍ତ ପ୍ରକାର ଚିକିତ୍ସା ସେବା ଉପଲବ୍ଧ କରିଛନ୍ତି । ଏହାର ସୁଯୋଗ ନେବା ବାଞ୍ଛନୀୟ ।

*ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,*
*କଟକ*

# ପ୍ରସଙ୍ଗ: ଡିଜିଟାଲ ହେବ ଜାତି ଜନଗଣନା

ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତରେ ଏବେ ଜନଗଣନା ପାଇଁ ଅଧିସୂଚନା ଜାରୀ କରାଯାଇଛି । ଏହି ଜନଗଣନା ୨୦୨୧ରେ ହେବାକୁ ଥିଲା କିଁ କରୋନା ମହାମାରୀ କାରଣରୁ ସ୍ଥଗିତ ରହିଥିଲା । କଂଗ୍ରେସ ସମେତ ସବୁ ବିରୋଧି ଦଳମାନେ ଜାତିଗତ ଜନଗଣନା ପାଇଁ ଦାବି କରୁଥିଲେ । ପରିଶେଷରେ ମୋଦୀ ସରକାର ମଧ୍ୟ ଜାତିଗତ ଜନଗଣନା ପାଇଁ ନିଷ୍ପ□ ନେଲେ । ଫଳତଃ ଜାତିଗତ ଜନଗଣନାକୁ ନେଇ ଯେଉଁ ରାଜନୀତି ଚାଲିଥିଲା ତାହା ସମାପ୍ତ ହୋଇଛି । ସବୁ ବର୍ଗର ପ୍ରମୁଖ ଜାତିମାନଙ୍କ ସହ ଉପଜାତି ବାବଦରେ ଗଣନା ବେଳେ ଜଣାପଡିବ । ସେତେବେଳେ ଜାତିଗତ ଜନଗଣନା ଠିକ କି ନୁହେଁ ବୋଲି କୁହାଯାଇପାରିବ । ଇ-ବଜାର, ଇ-ଆବେଦନ, ଇ-ରେଳ ଓ ଇ-ନେଣଦେଣ ପରେ ଏବେ ଇ- ଜନଗଣନା ଅର୍ଥାତ୍ ଡିଜିଟାଲ ଗଣତି ହେବ । ଏହି ଗଣନାରେ ଜାତିର ଗଣତି ମଧ୍ୟ ହେବ । ଡିଜିଟାଲ ଜନଗଣନାରେ ଜନ୍ମ ଓ ମୃତ୍ୟୁ ବାବଦରେ ତଥ୍ୟ ମଧ୍ୟ ରହିବ । ଏଣୁ ପ୍ରତି ଜନ୍ମ ପରେ ଡିଜିଟାଲ ଜନଗଣନା ମନକୁ ମନ ହୋଇଯିବ ଏବଂ ମୃତ୍ୟୁ ପରେ ଡିଜିଟାଲ ଡାଟାରୁ ମୃତକଙ୍କ ନାମ ମନକୁ ମନ କଟିଯିବ । ଜନଗଣନା ରେଜିଷ୍ଟରରେ ପିଲା/ଶିଶୁର ଜନ୍ମ, ମାତା/ପିତା, ଜାତି ଏବଂ ଜନ୍ମ ସ୍ଥାନ ସମେତ ୧୬ଟି ଭାଷାରେ ୩୬ଟି ପ୍ରଶ୍ନର ଉ□ର ମଧ୍ୟ ଦରଜ ହୋଇଯିବ । ଶିଶୁ/ପିଲାକୁ ୧୮ବର୍ଷ ହେଲେ ଭୋଟର ତାଲିକାରେ ତାର ନାମ ପିକୃତ କରିବା ପାଇଁ ମଧ୍ୟ ଡିଜିଟାଲ ମାଧ୍ୟମରେ ନିର୍ବାଚନ କମିଶନଙ୍କ ପାଖକୁ ଚାଲିଯିବ । ଫଳତଃ ତାକୁ ଭୋଟର ପରିଚୟପତ୍ର ମିଳିଯିବ ଏବଂ ଭୋଟର ତାଲିକାରେ ସ୍ୱତଃପୁ□ ଭାବେ ତାର ନାମ ଯୋଡି ହୋଇଯିବ । ଯେତେବେଳେ କୌଣସି ଭୋଟରର ମୃତ୍ୟୁ ହୋଇଯିବ ସେତେବେଳେ ଭୋଟର ତାଲିକାରୁ ତାର ନାମ ମନକୁ ମନ କଟିଯିବ ।


ଗୋପାଳ ମହାପାତ୍ର

ଏହିପରି ଜନଗଣନାର ତଥ୍ୟ ବା ଡ଼ାଟା ସବୁବେଳେ ଅପଟୁଡେଟ ରହିବ ।

ଏହି ଡିଜିଟାଲ ଜନଗଣନା (ରାଷ୍ଟ୍ରୀୟ ଜନସଂଖ୍ୟା ରେଜିଷ୍ଟାର) ପ୍ରକ୍ରିୟାରେ ପାଖାପାଖି ୧୨ ହଜାର କୋଟି ଟଙ୍କା ବ୍ୟୟ ହେବ । ଡିଜିଟାଲ ଜନଗଣନା ଦେଶରେ କରାଯିବ ବୋଲି ୨୦୨୧ ମସିହା ଫେବୃୟାରୀ ମାସ ୧ ତାରିଖରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା । ସେତେବେଳେ ମଧ୍ୟ ବ□ମାନର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅର୍ଥବନ୍ତ୍ରୀ ଥିଲେ ଓ ସେ ଡିଜିଟାଲ ଜନଗଣନା କରାଯିବ ବୋଲି ଘୋଷଣା କରିଥିଲେ । ଡିଜିଟାଲ ଜନଗଣନାରେ ନାଗରିକମାନେ ସାମିଲହେବା ପାଇଁ ଏକ ଉ□ମ ଅନଲାଇନ୍ ସୁବିଧା ପାଇ ପାରିବେ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ଭାରତୀୟ ନାଗରିକ ମାନଙ୍କୁ ଅନଲାଇଡ୍ ସ୍ୱ-ଗଣନାର ଅଧିକାର ଦେବା ପାଇଁ ପୁର୍ବର ନିୟମରେ ପରିବ□ନ କରାଯାଇଛି । ଜନଗଣନା (ସଂଶୋଧନ) ୨୦୨୨ ଅନୁସାରେ ପରମ୍ପରାଗତ ପ୍ରକ୍ରିୟାରେ ସରକାରୀ କର୍ମଚାରୀମାନେ ଘରକୁ ଯାଇ ଜନଗଣନା କରିବେ କିଁ ଏବେ ନାଗରିକ ସ୍ୱ-ଗଣନା ମଧ୍ୟମରେ ମଧ୍ୟ ଅନୁସୂଚୀ ପ୍ରାରୁପ (ଜନଗଣନା ଆବେଦନପତ୍ର) ପୁରଣ କରିପାରିବେ । ଏଇଥିପାଇଁ ସଂଶୋଧନ କରାଯାଇ ପୂର୍ବ ନିୟମରେ ଇଲେକ୍ଟ୍ରୋନିକ ଫର୍ମ ଶବ୍ଦ ଯୋଡ଼ାଯାଇଛି । ଏ ସମ୍ପର୍କରେ ସୂଚନା ଏବଂ ପ୍ରାଦ୍ୟୋଗୀକି ଆଇନ୍ ୨୦୦୦ର ଧାରା ୨ର ଉପଧାରା (୧)ର ଖଣ୍ଡ 'ଆର'ରେ କୁହାଯାଇଛି । ଏହି ଆଇନ୍ ଅନୁସାରେ ଗଣମାଧ୍ୟମ, ମ୍ୟାଗ୍ନେଟିକ, କମ୍ପ୍ୟୁଟର ଜନିତ ମାଇକ୍ରୋଚିପ ବା ଏହିଭଳି ଅନ୍ୟ ଉପକରଣରେ ପ୍ରସ୍ତୁତ କରି ପଠାଯିବା ଅଥବା ସଂଗୃହୀତ ହୋଇଥିବା ତଥ୍ୟକୁ ଇଲେକ୍ଟ୍ରୋନିକ ଫର୍ମରେ ଦିଆଯାଇଥିବା ସୂଚନା ବୋଲି ଗ୍ରହଣ କରାଯିବ । ଏପରିକି ନାଗରିକ ଏଣ୍ଡ୍ରଏଡ଼ ମୋବାଇଲ ଫୋନ ମାଧ୍ୟମରେ ନିଜ ସମ୍ପର୍କରେ ସମସ୍ତ ତଥ୍ୟ ଜନଗଣନା ଫର୍ମରେ ପୁରଣ କରିପାରିବେ । ଏହି ଅନ୍‌ଲାଇନ ଆବେଦନ ପାଇଁ ଅନୁମତି ଦିଆଯାଇଥିଲେ ମଧ୍ୟ ସରକାରୀ କର୍ମଚାରୀ ଘରକୁ ଘର ବୁଲି ଜନଗଣନା କରିବେ । ଗଣନାର ଏହି ବିକେନ୍ଦ୍ରୀକରଣ କାରଣରୁ ପ୍ରତି ୧୦ ବର୍ଷପରେ ଜନଗଣନା ପାଇଁ ଯେଉଁ ପରମ୍ପରା ଥିଲା ତାର ସମାପ୍ତି ଘଟିବ । ଅନ୍ୟପକ୍ଷରେ ପ୍ରତିମାସରେ ଦେଶର ସବୁ ପ□ାୟତ ସ୍ତରରୁ ଜନ୍ମ-ମୃତ୍ୟୁ ସମ୍ପର୍କୀତ ତଥ୍ୟ ସଠିକ୍ ମିଳିଯିବ ।

ଜନଗଣନାର ନିର'ରତା ଜରୁରୀ । ଭାରତରେ ତଥା ବିଶ୍ୱ ସ୍ତରରେ ଜନସଂଖ୍ୟା ବୃଦ୍ଧି ଏକ ବିସ୍ଫୋଟକ ସ୍ତରକୁ ଆସିଯାଇଛି । ଜାତିସଂଘର ତଥ୍ୟ ଅନୁସାରେ ସାରା ବିଶ୍ୱର ଜନସଂଖ୍ୟା ୭୦୦କୋଟିରୁ ଅଧିକ ହେଲାଣି । ଉନବିଂଶ ଶତାବ୍ଦିରେ ଦୃତଗତିରେ ଜନସଂଖ୍ୟା ବୃଦ୍ଧି ହୋଇଛି । ତଥ୍ୟ ଅନୁସାରେ ଅଷ୍ଟାଦଶ ଶତାବ୍ଦି ଶେଷ ବେଳକୁ ବିଶ୍ୱର ଜନସଂଖ୍ୟା ଏକ ଅରବରୁ କମ୍ ଥିଲା । ପ୍ରତି ୧୦ ବର୍ଷରେ କରାଯାଉଥିବା ଜନଗଣନା ପାଇଁ ପାଖାପାଖି ୩୪ଲକ୍ଷ କର୍ମଚାରୀଙ୍କୁ ଏହି ଦାୟିତ୍ୱ ଦିଆଯାଉଥିଲା । ଗାଁ ଠାରୁ ସହର ପର୍ଯ୍ୟ'ରେ ଘର ଘର ବୁଲି ଜନଗଣନା କରିବା ଏମାନଙ୍କ ପାଇଁ ମଧ୍ୟ କଷ୍ଟକର ହେଉଥିଲା । କିଁ ଏବେ ସ୍ୱ-ଆବେଦନ ପାଇଁ ସରକାରଙ୍କ ଘୋଷଣା ପରେ ଅନେକ ନାଗରିକ ଘରେ ବସି ମଧ୍ୟ ଅନଲାଇନ୍‌ରେ ନିଜର ଏଣ୍ଡ୍ରଏଡ୍ ଫୋନ ମାଧ୍ୟମରେ ଜନଗଣନା ପ୍ରକ୍ରିୟାରେ ସାମିଲ ହୋଇପାରିବେ । ସର୍ବୋପରି ଡିଜିଟାଲ କରାଯାଉଥିବା କାରଣରୁ ଜନସଂଖ୍ୟା ବାବଦରେ ସଠିକ୍ ତଥ୍ୟ ପାଇଁ ଆଉ ୧୦ ବର୍ଷ ଅପେକ୍ଷା କରିବାକୁ ପଡିବ ନାହିଁ । ଅପଡେଟ ସୂଚନା ସବୁବେଳେ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ ।

*ରାମଚନ୍ଦ୍ରପୁର, ରଣପୁର*
*ମୋ: ୯୪୩୮୪୮୫୦୯୪*

# ମନ୍‌ସୁନ୍ ହୋମ କେୟାର

ରାଜ୍ୟର ପ୍ରାୟ ସବୁଆଡ଼େ ଏବେ ମୌସୁମୀର ଆଗମନ ହୋଇସାରିଲାଣି । ଖରାର ପ୍ରାଦୁର୍ଭାବରୁ ମୌସୁମୀ ଜନିତ ବର୍ଷା ଅନେକାଂଶରେ ବଂଇଛି । ହେଲେ ଏହା ସତ କଥା ଯେ ବର୍ଷା ଆମ ଘରର ଏକ ଭଲ ବନ୍ଧୁ ନୁହେଁ । କାରଣ ବର୍ଷା ସହିତ ଘରେ ଉଇ ଲାଗିବା ଆରମ୍ଭ ହୋଇଯାଆନ୍ତି । ସେହିପରି ବର୍ଷା ଯୋଗୁଁ ଲୁଗା ଶୁଖାଇବା, ଘରର ଆଖପାଖରେ ପାଣି କମିଯିବା ଏବଂ ଚଲାବୁଲା ଦ୍ୱାରା ଘର ଭିତରକୁ କାଦୁଅ ଆସି ଘରକୁ ଅପରିଷ୍କାର କରିବା ଭଳି ସମସ୍ୟାମାନ ସୃଷ୍ଟି ହୋଇଥାଏ । ତେଣୁ ବର୍ଷା ଆରମ୍ଭ ସହିତ ହିଁ ଘରକୁ ସଫାସୁତୁରା ଏବଂ ଶୃଙ୍ଖଳା ରଖିବା ଜନିତ ସମସ୍ୟା ମୁଣ୍ଡ ଟେକିଥାଏ । ତେବେ କିଛି ଛୋଟ ଛୋଟ କଥା ପ୍ରତି ଧ୍ୟାନ ଦେଲେ ଏହି ସମସ୍ୟା ଆଉ ମୁଣ୍ଡବିନ୍ଧାର କାରଣ ହୋଇ ରହିବ ନାହିଁ ।

ଆର୍ଦ୍ରତାକୁ ବାହାରକୁ ଯିବାକୁ ଦିଅନ୍ତୁ : ବର୍ଷା ସମୟରେ ଅନେକେ ନିଜ ନିଜ ଘରର ଝରକା ସବୁକୁ ବନ୍ଦ କରି ଦିଅନ୍ତି । ଏହା ଭଲ କଥା । ଏହାଦ୍ୱାରା ବର୍ଷାପାଣି ଘର ଭିତରକୁ ଆସିବ ନାହିଁ । ହେଲେ ବର୍ଷା ଛାଡ଼ିଯିବା ପରେ ବି ଘରର ଝରକା ଏବଂ କବାଟ ସବୁକୁ ବନ୍ଦ କରି ରଖିବା ଠିକ୍ ନୁହେଁ । ଏହାଦ୍ୱାରା ଘର ମଧ୍ୟକୁ ପଶି ଆସିଥିବା ଛୋଟ ଛୋଟ ଜଳକଣା ସବୁ ବାହାରକୁ ଯାଇ ନପାରି ଘରକୁ ସନ୍ତସନ୍ତିଆ କରିଦିଅନ୍ତି । ଘରର ଜିନିଷପତ୍ର ତଥା ଲୁଗାପଟା ଓଦାଳିଆ ଲାଗେ । ତେଣୁ ବର୍ଷା ଛାଡ଼ିଯିବା ମାତ୍ରେ ଘରର ଝରକା ସବୁକୁ ଖୋଲି ଦେବା ଉଚିତ । ଏହାଦ୍ୱାରା ଘରର ଆର୍ଦ୍ରତା ବାହାରକୁ ଚାଲିଯିବ । ନୂଆ ଥର୍ମୋଫ୍ଲାକ୍ସ କିମ୍ବା ୱାଟର୍ ଫିଲ୍ଟର କିଣିଲାବେଳେ ଦେଖିଥିବେ ଏହା ଭିତରେ ଛୋଟ ଛୋଟ ପ୍ୟାକେଟ୍ ରହିଥାଏ ଏହା ହେଉଛି ସିଲିକା ଜେଲ୍ ପ୍ୟାକେଟ୍ । ବଜାରରୁ ଏଥିରୁ କିଛି ପ୍ୟାକେଟ୍ କିଣି ଆଣି ନିଜ କପଡ଼ା ଆଲମାରିରେ ରଖି ଦିଅନ୍ତୁ । ଏହା ଆର୍ଦ୍ରତାକୁ ଶୋଷି ନେଇଥାଏ । ଏହାକୁ ଆପଣ ନିଜ ଜୋତା ତଥା ବ୍ୟାଗ୍ ଭିତରେ ବି ରଖିପାରିବେ ।

ଡ଼ୋର୍ ମ୍ୟାଟ୍ : ବର୍ଷାଦିନେ ଜୋତା ଏବଂ ଚପଲ ସହିତ ଆସୁଥିବା କାଦୁଅ ଦ୍ୱାରା ଘର ମଇଳା ହୋଇଯାଇଥାଏ । ତେଣୁ ଘର ଭିତରେ ଏବଂ ଖଟ ତଳେ ପକାଉଥିବା ଛୋଟ ମ୍ୟାଟ୍ ପରି ଏକ ମ୍ୟାଟ୍ ଘର ବାହାରେ ବି ରଖି ଦିଅନ୍ତୁ । ବେଶି ଦାମୀ ନ ହେଲେ ବି ନଡ଼ିଆକତାରେ ପ୍ରସ୍ତୁତ ଏକ ସାଧାରଣ ଡୋର୍ ମ୍ୟାଟ୍ ଘର ବାହାରେ ରଖି ଦିଅନ୍ତୁ । ଜୋତା ଏବଂ ଚପଲରେ ଲାଗିଥିବା କାଦୁଅ ଏଥିରେ ପୋଛି ଘରକୁ ଆସିବା ପାଇଁ ସୁବିଧା ହେବ । ଏହାଛଡ଼ା ଘର ଅଗଣାରେ ପାଣିର ସୁବିଧା କରନ୍ତୁ । ବାଲଟିଏ ପାଣି ସବୁବେଳେ ବାହାରେ ରଖନ୍ତୁ । ଘରକୁ ଆସୁଥିବା ଲୋକଙ୍କୁ ଗୋଡ଼ ଧୋଇ ହୋଇ ଭିତରକୁ ଆସିବାକୁ କୁହନ୍ତୁ । ଘର ବାହାରେ ଯଦି ସେପରି କିଛି ସୁବିଧା ନାହିଁ ତେବେ ଏକ ଖାଲି ବାଲଟି ବାହାରେ ରଖନ୍ତୁ ଯେଉଁଥିରେ କି ଓଦା ଛତା, ରେନ୍‌କୋଟ୍ ଇତ୍ୟାଦି ରଖିହେବ ।

କାର୍ପେଟ୍ ବାହାର କରନ୍ତୁ : ଦାମୀ କାର୍ପେଟ ସବୁକୁ ପକାଇ ରଖିବା ପାଇଁ ବର୍ଷାଋତୁ ଉପଯୁକ୍ତ ସମୟ ନୁହେଁ । କାରଣ ଏହି ଦିନେ କାର୍ପେଟ ମଇଳା ହେଲେ ସଫା କରିବା ସହଜ ହୋଇନଥାଏ । ଏହାଛଡ଼ା ଆର୍ଦ୍ରତା ଯୋଗୁଁ କାର୍ପେଟ୍ ଖରାପ ହେବାର ବି ସମ୍ଭାବନା ଥାଏ । ତେଣୁ ବର୍ଷା ଆରମ୍ଭ ହେବାମାତ୍ରେ କାର୍ପେଟ ସବୁକୁ ଗୁଡ଼ାଇ ରଖି ଦିଅନ୍ତୁ । ଅତି କମ୍‌ରେ ଦଶହରା ପର୍ଯ୍ୟନ୍ତ ସେଗୁଡ଼ିକୁ ବାହାର କରିବା ବିଷୟରେ ଭୁଲିଯାଆନ୍ତୁ ।

ଘରକୁ ଆଲୋକିତ କରନ୍ତୁ : ବର୍ଷା ଦିନର ଅନ୍ୟତମ ସମସ୍ୟା ହେଲା ଅନ୍ଧାରିଆ ଦେଖାଯିବା । ବର୍ଷା ହେଉଥିବା ସମୟରେ ଦିନରେ ମଧ୍ୟ ଆଲୋକ କମିଯାଇଥାଏ । ଦିନରେ ବି ଘର ଭିତରେ ଅନ୍ଧାରିଆ ଦେଖାଯାଇଥାଏ । ଏହାଛଡ଼ା ବାହାରର ଅନ୍ଧାର ଯୋଗୁଁ ଘର ଭିତରେ ବି ମାନ୍ଦା ଲାଗିଥାଏ, ଅଳସୁଆ ଲାଗେ । ତେଣୁ ଘରେ ଉପଯୁକ୍ତ ଆଲୋକ ବ୍ୟବସ୍ଥା କରନ୍ତୁ । ଏହାଦ୍ୱାରା ବାହାରେ ମାନ୍ଦାଳିଆ ପାଗ ହୋଇଥିଲେ ସୁଦ୍ଧା ଘର ଭିତରେ ଆପଣଙ୍କୁ ସତେଜ ଲାଗିବ ।

ଭାରି ପରଦା ହଟାନ୍ତୁ : ଘର ଝରକାରେ ମୋଟା କପଡ଼ାର ପରଦା ଲଗାଇଥିଲେ ବର୍ଷାଦିନେ ଏହାକୁ ହଟାଇ ଦିଅନ୍ତୁ । କାରଣ ବର୍ଷା ପାଣି ବାଜିଲେ ଏହା ଶୀଘ୍ର ଶୁଖିବ ନାହିଁ । ଏହାଛଡ଼ା ଦୀର୍ଘ ସମୟ ଧରି ଓଦା ରହିବା ଦ୍ୱାରା ଏହା ନଷ୍ଟ ହେବାର ଆଶଙ୍କା ବି ରହିଛି । ମୋଟା କପଡ଼ାର ପରଦା ଲାଗି ରହିବା ଦ୍ୱାରା ଘରର ଆର୍ଦ୍ରତା ବି ବାହାରକୁ ଯିବାରେ ସମସ୍ୟା ହେବ । ତେଣୁ ବର୍ଷାଦିନେ ମୋଟା ଏବଂ ଭାରି ପରଦା ସବୁକୁ ହଟାଇ ପତଳା ପରଦା ଟାଙ୍ଗନ୍ତୁ । କଟନ୍ ନଚେତ୍ ମିକ୍ସଡ୍ କପଡ଼ାର ପତଳା ପରଦା ଟାଙ୍ଗିଲେ ବର୍ଷାରେ ଭିଜିଲେ ବି ଏହା ଜଲ୍‌ଦି ଶୁଖିଯାଇ ପାରିବ । ପରଦା ଭଳି ଯଦି ଖଟ ଏବଂ ସୋଫା ଆଦିରେ ବି ମୋଟା କପଡ଼ାର କଭର୍ ପକାନ୍ତୁ । କାରଣ ବର୍ଷା ଦିନେ ମୋଟା କପଡ଼ା ସଫା କଲେ ଶୁଖାଇବା ପାଇଁ ମଧ୍ୟ ସମସ୍ୟା ହୋଇଥାଏ ।


ଇତିଶ୍ରୀ ଅଲିଭା ଦିପ୍ତିମୟୀ ରାଉତ

ବିଦ୍ୟୁତ୍ ତାର ପ୍ରତି ଧ୍ୟାନ ଦିଅନ୍ତୁ : ବର୍ଷାଦିନେ ଖୋଲା ବିଦ୍ୟୁତ୍ ତାର ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ । ଓଦା ହାତରେ ଏହାକୁ ଛୁଇଁଲେ ସକ୍ ମାରିବାର ଯଥେଷ୍ଟ ସମ୍ଭାବନା ରହିଛି । ସେହିପରି ଖୋଲା ତାର ପାଣି ସଂସ୍ପର୍ଶରେ ଆସିଲେ ଚାର୍ଜ ହୋଇଯିବାର ଡର ବି ରହିଥାଏ । ଅଜାଣତରେ ହାତ ବାଜିଗଲେ ବଡ଼ ଦୁର୍ଘଟନାର ଆଶଙ୍କାଙ୍କୁ ଏଡ଼ାଇ ଦିଆଯାଇ ନପାରେ । ଏହାଛଡ଼ା ଘର ବାହାରେ ଥିବା କଲିଂବେଲ୍, ଲାଇଟ୍ ଆଦିର ସୁଇଚ୍ ମଧ୍ୟ ବର୍ଷାଦିନେ ପାଣି ସଂସ୍ପର୍ଶରେ ଆସି ଚାର୍ଜ ହୋଇଯାଇଥାଏ । ତେଣୁ ଘରେ ଏପରି କୌଣସି ଖୋଲା ତାର କିମ୍ବା ସୁଇଚ୍ ଆଦିରୁ ସକ୍ ମାରୁଥିଲେ ଇଲେକ୍ଟ୍ରିସିଆନ୍‌କୁ ଡାକି ଯଥାଶୀଘ୍ର ସଜାଡ଼ି ଦିଅନ୍ତୁ ।

କୁଣ୍ଡକୁ ବାହାରକୁ ଆଣିବାର ବେଳ : ଘର ଭିତର ସଜାଇବା ପାଇଁ ଫୁଲକୁଣ୍ଡ ଆଦି ରଖିଥିଲେ ବର୍ଷା ଦିନେ ଏସବୁକୁ ବାହାରକୁ ନେଇଆସନ୍ତୁ । ଅନ୍ୟାନ୍ୟ ସମୟରେ ପାଣି ଦେଇ ଘରେ ରଖିଥିଲେ ବି ବର୍ଷା ଦିନେ ଏହି ଗଛ ଗୁଡ଼ିକୁ ବାହାରର ବାତାବରଣରେ ରଖିବା ଉଚିତ । ଏହାଦ୍ୱାରା ସବୁବେଳେ ଘର ଭିତରେ ରହୁଥିବା ଏକ ଗଛଗୁଡ଼ିକ ବର୍ଷାଦିନେ ବାହାରର ପ୍ରାକୃତିକ ପାଣିପବନ ପାଇପାରିବେ ଏବଂ ଭଲରେ ବଢ଼ିପାରିବେ । ବର୍ଷାଦିନେ ସରିବା ପରେ ପୁଣି ଥରେ ଏହାକୁ ଭଲରେ ଟ୍ରିମ୍ କରି ଆପଣ ଘରେ ସଜାଇ ରଖିପାରିବେ ।

କାଠ ସାମଗ୍ରୀର ଯତ୍ନ : ବର୍ଷାଦିନେ କାଠ ସାମଗ୍ରୀ ପାଇଁ ବିଲ୍‌କୁଲ୍ ଉପଯୁକ୍ତ ସମୟ ନୁହଁ । ଏହି ଦିନେ କାଠରେ ଉଇ ଲାଗିଯିବା ସହ ଏହା ଫୁଲି ଯାଇଥାଏ । ଫଳରେ ଘରର କବାଟ, ଝରକା ଆଦି ଭଲରେ ବନ୍ଦ କରିହୁଏ ନାହିଁ । ବର୍ଷା ଦିନ ଆସିଲା କ୍ଷଣି ନିଜର କାଠ ସାମଗ୍ରୀଗୁଡ଼ିକୁ ଝରକା ପାଖରୁ ଘୁଂଇ ଦେବା ଉଚିତ ଯେପରି ଏଥିରେ ପାଣି ପଡ଼ିବ ନାହିଁ । ସେହିପରି କବାଟ, ଝରକା ଆଦି ଫୁଲିଯାଇ ବନ୍ଦ ହେଉ ନଥିଲେ ବାଲି କାଗଜ ପ୍ରୟୋଗ କରିପାରିବେ । ଝରକା କବାଟ ଆଦି ଯେଉଁଠାରେ ଲାଖିଯାଉଛି ସେଠାରେ ବାଲି କାଗଜ ଘଷିଦେଲେ ଏହି ସମସ୍ୟା ଆଉ ରହିବ ନାହିଁ । ସେହିପରି ଉଇ ଜନିତ ସମସ୍ୟାରୁ ନିସ୍ତାର ପାଇବାକୁ ଚାହୁଁଥିଲେ କବାଟ ଏବଂ ଝରକାର କାଠ ବନ୍ଧଗୁଡ଼ିକ ଉପରେ କିରୋସିନ୍ ସ୍ପ୍ରେ କରି ଦିଅନ୍ତୁ ।

*ସେକ୍ଟର-୬, ସିଡିଏ, କଟକ*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Thursday July 31 | ଭୁବନେଶ୍ୱର ଗୁରୁବାର, ୩୧, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com 

# ଦୁର୍ଗମ ଅଞ୍ଚଳରେ ଜୀବନ ରକ୍ଷାକାରୀ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛି ୟୁଏଆଇଏଲ୍ର 'ନିରୋଗଶାଳା'



ଭୁବନେଶ୍ୱର,(ପି.ଏନ): ଆଦିତ୍ୟ ବିର୍ଲା ଗ୍ରୁପ୍ର ହିଣ୍ଡାଲ୍କ ?ର ଏକ ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ୍) 'ନିରୋଗଶାଳା' ପ୍ରଚଳନ କରିଛି । ଏହି ସିଏସ୍ଆର ପ୍ରୟାସ ଓଡିଶାର ରାୟଗଡା ଜିଲ୍ଲାର ଦୁର୍ଗମ ଗ୍ରାମଗୁଡିକରେ ଜନସାଧାରଣଙ୍କ ଦ୍ୱାରଦେଶରେ ସେମାନଙ୍କୁ ଉଭୟ ପ୍ରତିଷେଧକ ଏବଂ ଆରୋଗ୍ୟକାରୀ ସ୍ୱାସ୍ଥ୍ୟଯତ୍ନ ସେବା ଯୋଗାଇ ଦେଉଛି । ନିରୋଗଶାଳା ସ୍ୱାସ୍ଥ୍ୟଯତ୍ନ ପ୍ରକଳ୍ପ ନୀରବରେ ତୃଣମୂଳ ସ୍ତରରେ ଜୀବନଗୁଡିକରେମ ରୂପାନ୍ତରଣ ଆଣିଛି । ଏହା କାଶୀପୁର ବ୍ଲକର ପାଇକକୁପଖାଲ, ଅଣ୍ଡିରାକଞ୍ଚ ଏବଂ ଗୋପିନାଥପୁର ଆଦି ଦୂର ଦୂରାନ୍ତ ଗ୍ରାମରେ ସ୍ୱାସ୍ଥ୍ୟ ଡିସ୍ପ ?ନସାରୀ ସ୍ଥାପନ କରିଛି । ପ୍ରାୟ ୨୦,୦୦୦ ଗ୍ରାମବାସୀ ଏହି ସେବାର ସୁଯୋଗ ନେଉଛନ୍ତି । ଅଞ୍ଚଳ ଶ୍ରୀ ରବି ମିଶ୍ର, ୟୁନିଟ ହେଡ, ୟୁଏଆଇଏଲ, କହିଛନ୍ତି, "ନିରୋଗଶାଳା ଏକ ଅତ୍ୟନ୍ତ ବାସ୍ତବ ଏବଂ ଜରୁରୀ ଆବଶ୍ୟକତାରୁ ସୃଷ୍ଟି ହୋଇଥିଲା । ଏହି ସମସ୍ତ ଦୁର୍ଗମ ସ୍ଥାନଗୁଡିକରେ ଚିକିତ୍ସାଗତ ଜରୁରୀ ସ୍ଥିତି ସୃଷ୍ଟିହେଲେ ବିନା ସହାୟତାରେ ମାଇଲ ମାଇଲ ଚାଲିଚାଲି ଯିବାକୁ ହୁଏ । ଆମେ ଏକ ସୁସଂଗଠିତ, ମାଗଣା ସ୍ୱାସ୍ଥ୍ୟଯତ୍ନ ସେବା ଜନସାଧାରଣଙ୍କ ଦ୍ୱାରଦେଶକୁ ଆଣି ସମୟୋଚିତ ସହାୟତା ଆଉ ଏକ ବିଳାସର ବିଷୟ ହୋଇ ରହିନାହିଁ- ବରଂ ଏକ ଅଧିକାର ବୋଲି ସୁନିଶ୍ଚିତ କରୁଛୁ । ସୁବିଧା ଅଭାବରୁ କୌଣସି ଜୀବନ ହାନି ଯେଉଳି ନହୁଏ ତାହା ସୁନିଶ୍ଚିତ କରିବାଆମର ଲକ୍ଷ୍ୟ ।" ପ୍ରତ୍ୟେକ ନିରୋଗଶାଳାରେ ରୋଗ ନିରୂପଣକାରୀ ସମର୍ଥନ ବ୍ୟବସ୍ଥା ଏବଂ ଆମ୍ବୁଲାନ୍ସ ସୁବିଧା ସହିତ ଓପିଡି ସୁବିଧା ରହିଛି, ଏଠାରେ ମଧ୍ୟ ମୌଳିକ ଚିକିତ୍ସା ଭିତ୍ତିଭୂମି ରହିଛି । ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ପୂର୍ଣ୍ଣକାଳୀନ ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟ ସହାୟକ ଏବଂ ପ୍ରତି ତିନିଦିନ ଅଦଳ ବଦଳ ଭିତ୍ତିରେ ଏମ୍ବିବିଏସ୍ ଡାକ୍ତରମାନଙ୍କର ଉପସ୍ଥିତି ଏହି ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ଯତ୍ନ ବ୍ୟବସ୍ଥାକୁ ଉକତ ଅଞ୍ଚଳର ଜନସାଧାରଣଙ୍କ ନିକଟରେ ଉପଲବ୍ଧ କରାଉଛି । ପ୍ରତ୍ୟେକ କେନ୍ଦ୍ର ମାସିକ ହାରାହାରି ୭୦୦-୮୦୦ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛି ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି ।

ମାଇକଞ୍ଚ ପଞ୍ଚାୟତର ସରପଞ୍ଚ ଶ୍ରୀ ମସ୍ତରାମ ମାଝୀ ବିସ୍ତୃତ ଭାବରେ ଉଲ୍ଲେଖ କରି କହିଥିଲେ, "ନିରୋଗଶାଳା ସମସ୍ତ ନିକଟବର୍ତ୍ତୀ ଗ୍ରାମଗୁଡିକୁ ମାଗଣାରେ ସ୍ୱାସ୍ଥ୍ୟଯତ୍ନ ସେବା ଯୋଗାଇ ଦେଉଛି । ମାଇକଞ୍ଚ ଗ୍ରାମ ପଞ୍ଚାୟତର ଜନସାଧାରଣ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ସେମାନେ ଡାକ୍ତରୀ ଚିକିତ୍ସା କରାଇବାକୁ ଅସମର୍ଥ । ୟୁଏଆଇଏଲ୍କୁ ଧନ୍ୟବାଦ ଯେ, ସେମାନେ ଆବଶ୍ୟକ କରୁଥିବା ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟଯତ୍ନ ସେବା ଏବଂ ଜୀବନ ରକ୍ଷାକାରୀ ଔଷଧଗୁଡିକ ଆବଶ୍ୟକ ସମୟରେ ବିନା ମୂଲ୍ୟରେ ଯୋଗାଇ ଦେଉଛନ୍ତି ।" ଅଣ୍ଡିରାକଞ୍ଚ ଗ୍ରାମର ଜଣେ ବାସିନ୍ଦା କମଳ ଲୋଚନା ଝୋଡିଆ କହିଥିଲେ, "କୁରାଢୀରେ କାମ କରୁଥିବା ସମୟରେ ଦୁର୍ଘ ?ାଗକୁ ଅନ୍ୟମନସ୍କ ହୋଇଯିବାରୁ ମୋର ପାପୁଲିରେ ଆଘାତ ଲାଗିଥିଲା । କ୍ଷତ ଗଭୀର ଥିଲା ଏବଂ ମୁଁ ତୁରନ୍ତ ଅଣ୍ଡିରାକଞ୍ଚରେ ଥିବା ନିରୋଗଶାଳାକୁ ଯାଇଥିଲି । ସେଠାରେ ଥିବା ଫାର୍ମାସିଷ୍ଟ ମୋର ପ୍ରାଥମିକ ଚିକିତ୍ସା କରିବା ସହିତ ଉପଯୁକ୍ତ ଭାବରେ କ୍ଷତ ସ୍ଥାନକୁ ବ୍ୟାଣ୍ଡେଜ୍ କରିଥିଲେ । ସେହି ନିରୋଗଶାଳାରୁ ନିର୍ଦ୍ଧାରିତ ଔଷଧ ମୋତେ ସମ୍ପୂର୍ଣ୍ଣ ମାଗଣାରେ ମିଳିଥିଲା । ଧନ୍ୟବାଦ ଦେବି ଯେ ନିରୋଗଶାଳାରେ ଯୋଗାଇ ଦିଆଯାଇଥିବା ଉପଯୁକ୍ତ ଯତ୍ନ ଏବଂ ଔଷଧ ସହିତ ଚିକିତ୍ସା ଦ୍ୱାରା ମୋର ପାପୁଲିରେ ହୋଇଥିବା କ୍ଷତ ଅଳ୍ପ ଦିନରେ ଭଲ ହୋଇଗଲା ଏବଂ ମୁଁ ଏବେ ପୂର୍ଣ୍ଣ ସୁସ୍ଥ ହୋଇସାରିଛି ଏବଂ ମୋ ହାତରେ ପୁନର୍ବାର କାମ କରିବାକୁ ସମର୍ଥ ।"

ୟୁଏଆଇଏଲ୍ର ସିଏସଆର ଟିମ୍ ଦ୍ୱାରା ମାସିକ ଭିତ୍ତିରେ ନିରୀକ୍ଷଣ ଏବଂ ସ୍ୱାଧୀନ ଭାବରେ ପରିଚାଳିତ ନିରୋଗଶାଳା ଏକ ଡିସ୍ପ ?ନସାରୀ ଠାରୁ ଯଥେଷ୍ଟ ଅଧିକ ସେବା ଯୋଗାଉଛି । ଏକ ଦାୟିତ୍ୱସମ୍ପନ୍ନ କର୍ପ ?ରେଟ ସଂସ୍ଥା ଭାବରେ ଏବଂ ସମାଜ ପ୍ରତି ଅବଦାନ ରଖିବାର ନିରନ୍ତର ପ୍ରେରଣାରେ ପରିଚାଳିତ ହୋଇ ଆଦିତ୍ୟ ବିର୍ଲା ଗ୍ରୁପ୍ ଓଡିଶାରେ ୫ ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଛି ଏବଂ ୧୨୮ଟି ଗ୍ରାମରେ ୨ ଲକ୍ଷରୁ ଅଧିକ ଲୋକଙ୍କ ଜୀବନକୁ ସ୍ପର୍ଶ କରୁଛି । ଗ୍ରୁପ୍ର ସିଏସଆର କାର୍ଯ୍ୟ ଶ୍ରୀମତୀ ରାଜଶ୍ରୀ ବିର୍ଲାଙ୍କ ଅଧକ୍ଷତାରେ ଆଦିତ୍ୟ ବିର୍ଲା ସେଣ୍ଟର ଫର୍ କମ୍ୟୁନିଟି ଇନିସିଏଟିଭସ୍ ଆଣ୍ଡ ରୁରାଲ ଡେଭେଲପମେଣ୍ଟ ଅଧୀନରେ ପରିଚାଳିତ ହେଉଛି । ଗ୍ରୁପ୍ର ଦୂରଦୃଷ୍ଟି ହେଉଛି ଏହା ନିଜର ବ୍ୟବସାୟିକ କାର୍ଯ୍ୟ ପରିଚାଳନା କରୁଥିବା ଅଞ୍ଚଳର ଜନସମୁଦାୟଙ୍କର ସାମାଜିକ ଓ ଆର୍ଥିକ ବିକାଶ ପ୍ରତି ସକ୍ରିୟ ଅବଦାନ ରଖିବା । ଏହା ଦ୍ୱାରା ସମାଜର ଦୁର୍ବଳ ବର୍ଗଙ୍କ ନିମନ୍ତେ ଏକ ଉତ୍ତମ, ଦୀର୍ଘସ୍ଥାୟୀ ଜୀବନ ଧାରଣା ପନ୍ଥା ସୃଷ୍ଟି ସହିତ ରାଷ୍ଟ୍ରର ମାନବ ବିକାଶ ସୂଚକରେ ଉନ୍ନତି ଅଣାଯାଉଛି । ଗ୍ରୁପ୍ର ସିଏସଆର୍ ଦୂରଦୃଷ୍ଟି ଦାରିଦ୍ର୍ୟ ଦୂରୀକରଣ ଏବଂ କ୍ଷୁଧାରୁ ମୁକ୍ତି ସୁନିଶ୍ଚିତ କରିବାକୁ ୟୁଏନଏସ୍ଡିଜି ଲକ୍ଷ୍ୟସମୂହ ସହିତ ମେଳ ଖାଉଛି ।

# ଜେଆରଡି ଟାଟାଙ୍କ ୧୨୧ ତମ ଜନ୍ମଦିନ ଉପଲକ୍ଷେ ସ୍ୱାସ୍ଥ୍ୟ ଶିବିର



ସୁକିନ୍ଦା, (ପି.ଏନ): ଭାରତ ରତ୍ନ ଜେଆଁଡି ଟାଟାଙ୍କ ୧୨୧ ତମ ଜନ୍ମଦିନ ଉପଲକ୍ଷେ ଟାଟାଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ସାରୁଅବିଲ ଏବଂ କମର୍ଦ୍ଧାକ୍ରୋମାଇଟ୍ ଖଣି ନିକଟବର୍ତ୍ତୀ ଅଞ୍ଚଳରେ ଲୋକମାନଙ୍କ ପାଇଁ ଏକ ମାଗଣାସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ଶିବିରରେ ୧୨୦ ଜଣ ସ୍ଥାନୀୟ ବାସିନ୍ଦାଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଶିବିରରେ ୫୩ ଜଣ ପୁରୁଷ ଏବଂ ୬୭ ଜଣ ମହିଳାଙ୍କ ସମେତ ୧୬ ଜଣ ଶିଶୁ ଏବଂ ୧୦ ବର୍ଷରୁ ଅଧିକ ବୟସ୍କ ୧୦୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରଯାଇଥିଲା । ଶିବିରରେ ମାଗଣା ଚେକ୍-ଅପ ସହ ମୌଳିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା । ସ୍ଥାନୀୟ ଲୋକଙ୍କୁ ତତ୍କାଳ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଲକ୍ଷ୍ୟରେ ଏହି ଶିବିରର ଆୟୋଜନ କରଯାଇଥିଲା । ଶିବିରରେ ୧୪ ଜଣଙ୍କର ଉଚ୍ଚ ରକ୍ତଚାପ, ୩ ଜଣଙ୍କ ମଧୁମେହ ରୋଗ ଚିହ୍ନଟ ହୋଇଥିବା ବେଳେ ୯ ଜଣ ଜ୍ୱରରେ ପୀଡ଼ିତ ଥିବା ଜଣାପଡ଼ିଥିଲା । ମୋଟ୍ ୩୬ ଜଣଙ୍କ ହିମୋଗ୍ଲୋବିନ୍ ପରୀକ୍ଷା କରାଇଥିଲା । ଏଥିରୁ ୧୮ ଜଣଙ୍କର ସ୍ୱାଭାବିକ ମାତ୍ରା ରହିଥିବା ବେଳେ ୧୫ ଜଣଙ୍କଠାରେ ସାମାନ୍ୟ ରକ୍ତହୀନତା ଏବଂ ୩ ଜଣଙ୍କଠାର ମଧ୍ୟମ ରକ୍ତହୀନତା ଦେଖାଦେଇଥିଲା । କାର୍ଯ୍ୟକ୍ରମରେ ଟାଟା ଷ୍ଟିଲର ସାରୁଅବିଲ ଏବଂ କମର୍ଦ୍ଧା କ୍ରୋମାଇଟ୍ ଖଣିର ମୁଖ୍ୟ ନବୀନ ଶ୍ରୀବାସ୍ତବ, ଟାଟା ଷ୍ଟିଲ ଫାଉଣ୍ଡେସନର କନସଲଟାଣ୍ଟ ମେଡିକାଲ୍ ଅଫିସର୍ ଡାକ୍ତର ଭାଗୀରଥି ସୋରେନ୍, ଟାଟାଷ୍ଟିଲର ମେଡିକାଲ୍ ଅଫିସର୍ ଡାକ୍ତର ଶାଶ୍ୱତ ଶତପଥୀ ଏବଂ ଟାଟାଷ୍ଟିଲ ଫାଉଣ୍ଡେସନ୍ ସୁକିନ୍ଦାର କର୍ମଚାରୀମାନେ ଉପସ୍ଥିତ ଥିଲେ । ଜେଆରଡି ଟାଟାଙ୍କ ସ୍ମୃତିରେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ଯେଉଁଥିରେ ଲୋକ କଲ୍ୟାଣ ଏବଂ ବିକାଶ ଉପରେ ଧ୍ୟାନ ଦିଆଯାଇଥିଲା । ନିଜ କାର୍ଯ୍ୟକ୍ଷେତ୍ରର ଆଖପାଖରେ ବସବାସ କରୁଥିବା ଜନସାଧାରଣଙ୍କୁ ସମର୍ଥନ କରିବା ପାଇଁ ଜେଆରଡି ଟାଟାଙ୍କ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ, ତାକୁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ଅନୁସରଣ କରିବା ଜାରି ରଖିଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

# ଦ୍ରୁତତମ ୫କ୍କ ଏଏମଟି ପଣ୍ୟ ପରିଚାଳନା କରି ପାରାଦୀପ ବନ୍ଦରର ଐତିହାସିକ ମାଇଲଖୁଂଟ ସ୍ଥାପନ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ ଚଳିତ ଆର୍ଥିକ ବର୍ଷରେ ଅଭୁତପୂର୍ବ ଦ୍ରୁତତମ ୫କ୍କ ମିଲିୟନ ମେଟ୍ରିକ ଟନ (ଏମଏମଟି) ପଣ୍ୟ ପରିଚାଳନା କରି ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି କ୍ଷ ବନ୍ଦର ଇତିହାସରେ ଏହି କୀର୍ତ୍ତିମାନ ସ୍ଥାପନ ବନ୍ଦରର କାର୍ଯ୍ୟ ଦକ୍ଷତା, ରଣନୀତି ଓ ଉତ୍ତମ ପରିଚାଳନା ଶକ୍ତି କୁ ଦର୍ଶାଉଛି । ତେବେ ପୂର୍ବ ବର୍ଷ ରେକର୍ଡ ର ୪ ଦିନ ପୂର୍ବରୁ ଏହି ବିରଳ କୀର୍ତ୍ତିମାନ ସ୍ଥାପନ ହୋଇପାରିଛି । ବନ୍ଦରର ଏହି ପଣ୍ୟ ଅଭିବୃଦ୍ଧି ମଧ୍ୟରେ କୋଇଲା ୨୨.କ୍କ୬ ଏମଏମଟି ପଣ୍ୟ ପରିଚାଳନା କରି କ୍କ.୫୩ ପ୍ରତିଶତ ଅଭିବୃଦ୍ଧି ହୋଇଥିବା ବେଳେ କଣ୍ଟେନର ପଣ୍ୟ ୨୭.୮କ୍କ ପ୍ରତିଶତ, ଅଶୋଧିତ ତୈଳ ୧୧.୩୬ ଏମଏମଟି ରେ ପହଞ୍ଚି ୧୪.୯୭ ପ୍ରତିଶତ ଓ ସାର ରେ ୮.୪୧ ପ୍ରତିଶତ ଅଭିବୃଦ୍ଧି ଘଟିଛି କ୍ଷ ତେବେ ଏହି ଐତିହାସିକ ସଫଳତା ପାଇଁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଙ୍କ ଦୃଢ଼ ନେତୃତ୍ୱ ଓ ପାରଦର୍ଶୀ ମାର୍ଗଦର୍ଶନ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ଦର୍ଶାଇବା ସହ ତାଙ୍କୁ କୃତଜ୍ଞତା ଜଣାଇବା ସହ ବନ୍ଦରର ସମସ୍ତ ଅଧିକାରୀ, କର୍ମଚାରୀ, ବ୍ୟବହାରକାରୀ, ଷ୍ଟିଭେଡୋର୍ସ, ଜାହାଜ ଏଜେଣ୍ଟ, ଟ୍ରେଡ୍ ୟୁନିଅନ ଓ ଅପରେଟର ମାନଙ୍କୁ ବନ୍ଦରର ଏହି ସଫଳତା ପାଇଁ ପ୍ରଶଂସା କରିଛନ୍ତି ।

# ଆର୍ଟ ଅଫ ଲିଭିଙ୍ଗ ସଂସ୍ଥା ତରଫରୁ ୬ ଦିବସୀୟ ଆନନ୍ଦ ଅନୁଭୂତି ଶିବିର ଓ ରୁଦ୍ର ପୂଜା ଆୟୋଜିତ



ଗୋଲାମୁଣ୍ଡା (ପି ଏନ): ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର, ଲିମସେର ଠାରେ ବୈଦିକ ଧର୍ମ ସଂସ୍ଥାନ ଆର୍ଟ ଅଫ ଲିଭିଂ ତରଫରୁ ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର, ଲିମସେରର ପ୍ରଧାନ ଗୁରୁଜୀ ସରୋଜ କୁମାର ଟୋଲଟିଆଙ୍କ ପ୍ରୟାସ କ୍ରମେ ୬ଦିନିଆ ଯୋଗ ଆନନ୍ଦ ଅନୁଭୁତି ଶିବିର ଓ ରୁଦ୍ର ପୂଜା ଅନୁଷ୍ଠିତ ହୋଇ ଯାଇଛି । ଗତ ୨୪ ତାରିଖ ଜୁଲାଇ ରୁ ୨୯ ତାରିଖ ଜୁଲାଇ ଯାଏଁ ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର ଗୁରୁଜୀ ଓ ଗୁରୁମାତା ଙ୍କୁ ଯୋଗ, ପ୍ରାଣାୟମ, ସୁଦର୍ଶନ କ୍ରିୟା ଓ ଅନ୍ୟାନ୍ୟ ବ୍ୟାୟାମ ତଥା ଆଧାତ୍ମିକ ନୈତିକ ଜ୍ଞାନ ଶିକ୍ଷା ବିଷୟରେ ଆର୍ଟ ଅଫ ଲିଭିଙ୍ଗ ଉପେନ୍ଦ୍ର ସେନାପତି ଶିକ୍ଷକ ପ୍ରଦାନ କରିଥିଲେ । ରୁଦ୍ର ପୂଜା ରେ ସ୍ୱାମୀଜୀ ହିମାଂଶୁ ପଣ୍ଡା ଓ ଦୁଇ ବେଦ ପଣ୍ଡିତ ରାମ କୃଷ୍ଣ ମିଶ୍ର ଓ ଓମ୍ ପ୍ରକାଶ ବ୍ରହ୍ମା ବୈଦିକ ପରମ୍ପରା ଅନୁଯାୟୀ ରୁଦ୍ର ପୂଜା କରା ଯାଇଛି । ଆର୍ଟ ଅଫ ଲିଭିଙ୍ଗ ବରିଷ୍ଠ ଶିକ୍ଷକ ଭୋଲାନାଥ ଜେନା ପ୍ରମୁଖ ଯୋଗଦେଇଥିଲେ । ଏଥିରେ ଗୁରୁଜୀ ମଣ୍ଟୁ ଛତ୍ରିଆ, ଜଗଜ୍ଜିବନ ସା, ରାକେଶ ଚଣ୍ଡୀ, କୃଷ୍ଣ ମଶ୍ରା ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ । କାହିଁ କେତେ ଯୁଗରୁ ଆମ ଭାରତ ବର୍ଷରେ ମୁନି ଋଷି ମାନେ ବୈଦିକ ସଭ୍ୟତାର ପରମ୍ପରା ଓ ସଂସ୍କୃତିକୁ ଅନୁସରଣ କରି ବଞ୍ଚୁଥିଲେ । ଦିନକୁ ଦିନ ଆଧୁନିକ ଯୁଗର ପ୍ରଭାବ ଯୋଗୁଁ ବୈଦିକ ସଭ୍ୟତା ଲୋପ ପାଇଥିବା ବେଳେ ଆଜି ଯାଏଁ ଆଧାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବି ଶଙ୍କର ଗୁରୁଦେବ ଙ୍କ ଆର୍ଟ ଅଫ ଲିଭିଙ୍ଗ ସଂସ୍ଥାନ ବିଶ୍ୱର ୧୮୦ଟି ଦେଶ ରେ ବୈଦିକ ପରମ୍ପରା ଓ ରୀତିନୀତି ଅନୁଯାୟୀ ଲୋକଙ୍କ ବ୍ୟକ୍ତିତ୍ୱ ବିକାଶ ଓ ସ୍ୱାସ୍ଥ୍ୟ ଜୀବନଯାପନ ସକାଶେ କାର୍ଯ୍ୟ କରୁ ଅଛି । ଆଜି ବି ଆମ ଭାରତ ବର୍ଷ ର ବିଭିନ୍ନ ରାଜ୍ୟରେ ଅନେକ ସ୍କୁଲ ଖୋଲା ଯାଇଛି । ଓଡ଼ିଶା ରେ ମଧ୍ୟ ୧୩ ରୁ ଉର୍ଦ୍ଧ ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର ଥିବା ବେଳେ ଅନେକ ଗୁଡ଼ିଏ ଶ୍ରୀ ଶ୍ରୀ ବାଳ ବିକାଶ କେନ୍ଦ୍ର ଖୋଲା ଯାଇ ବୈଦିକ ସଭ୍ୟତା ପରମ୍ପରାକୁ ବଞ୍ଚାଇ ରଖିଛି । ଆର୍ଟ ଅଫ ଲିଭିଙ୍ଗ ଦ୍ୱାରା ହିନ୍ଦୁ ମୁସଲମାନ, ଶିଖ, ଖ୍ରୀଷ୍ଟିଆନ, ବୌଦ୍ଧ, ଜୈନ ଆଦି ବିଭିନ୍ନ ଧର୍ମ ର ଲୋକ ଯୋଗ, ପ୍ରାଣାୟମ, ସାଧନା, ସୁଦର୍ଶନ କ୍ରିୟା ତାଲିମ ନେଇ ସ୍ୱାସ୍ଥ୍ୟ ଜୀବନଯାପନ କରି ଖୁସିରେ ରହୁଛନ୍ତି । ଆମ ଭାରତ ବର୍ଷରେ ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସମାଜର ମଙ୍ଗଳ କାମନା ସକାଶେ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ଜୀ ଙ୍କର ଆର୍ଟ ଅଫ ଲିଭିଙ୍ଗ ସଂସ୍ଥାନ କାର୍ଯ୍ୟ କରି ଆସୁ ଅଛି ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray